Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୨୩
Volum. - 21 ■ Issue No.- 23
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com

# KOSHALA PRABAHA
# କୋଶଳ ପ୍ରବାହ

R.N.I.No.: ODIODI/2000/03637 | ୨୫ ଏପ୍ରିଲ୍ - ୦୧ ମେ' ୨୦୨୧ | 25 April - 01 May 2021 | Odia Weekly | 8 Pages | Rs.2/- only

## କାମରେ ଆସୁନି ବେଲଗାଁ ଠାରେ ଥିବା ୩୯ କୋଟି ଟଙ୍କାର ପ୍ରକଳ୍ପ : ଅଧାପନ୍ତରିଆ କାମ କରି ଠିକାଦାର ଫେରାର





ସଇଁନ୍ତଲା, (ନିପ୍ର) : ପାଣି ପାଇଁ ଡହକ ବିକଳ ଲୋକେ । ଅନେକ ଦିନର ଆଶା ପୂରଣ ଓ ପ୍ରତ୍ୟେକ ଘରକୁ ଘର ଜଳ ଯୋଗାଣ ହେବ ବୋଲି ଆଶା କରି ରହିଥିଲେ ଲୋକେ । ହେଲେ ୩୯ କୋଟିର ପାଣି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଉ ନ ଥିବା ବେଳେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଅଧୁରା କାମ କରି ଠିକାଦାର ଫେରାର ହୋଇଥିବା ବି ଜଣାପଡିଛି । ସୂଚନା ମତେ ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ବେଲଗାଁ ତେଲ ନଦୀ କୂଳରେ ନିର୍ମାଣ ହୋଇଛି ମେଗା ପାନୀୟ ଜଳ ପ୍ରକଳ୍ପ । ଗତ ୨୦୧୭ ମସିହାରେ ଏହି ପ୍ରକଳ୍ପକୁ ଶିଳାନ୍ୟାସ କରିଥିଲେ ଓଡିଶା ଶିଶୁ ଓ ମହିଳା ବିକାଶ ମନ୍ତ୍ରୀ ତଥା ଟିଟିଲାଗଡ ବିଧାୟିକା ଟୁକୁନି ସାହୁ । ତେବେ ଦୁଇ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ସଇଁନ୍ତଲା ଏବଂ ଟିଟିଲାଗଡ ବ୍ଲକର ୨୨ଟି ଗ୍ରାମର ପାନୀୟ ଜଳ ସଙ୍କଟ ଦୂର ହେବ ବୋଲି ସେହି ସମୟରେ ସ୍ୱପ୍ନ ଦେଖାଇଥିଲେ । ହେଲେ ୪ ବର୍ଷ ହେଲାଣି ଅଂଚଳବାସୀଙ୍କୁ ଦେଖାଇ ଥିବା ସ୍ୱପ ଏବେ ଅଧୁରା ପଡ଼ି ରହିଛି । ତେବେ ଘୁନସର ଗ୍ରାମରେ ଅନେକ ପଡ଼ାରେ ପାଣି ପାଇବେ ବୋଲି ଠିକାଦାର ମାନେ ପାଇପ୍ ବିଛାଇ କାମ ଆରମ୍ଭ କରିଥିଲେ । କିନ୍ତୁ ଅନେକ ସ୍ଥାନରେ ଅଧାପନ୍ତରିଆ ଭାବେ କାମକୁ ଛାଡି ଠିକାଦାର ବାବୁ ମାନେ ଫେରାର ମାରି ଥିବା ଜଣାପଡିଛି । ଫଳରେ ଯେଉଁ ମହାନ ଉଦେଶ୍ୟ ନେଇ ସରକାରୀ ଯୋଜନା କାର୍ଯ୍ୟକାରୀ କରାଯାଉଥିଲା ତାହା ଏବେ ଲକ୍ଷ୍ୟଚ୍ୟୁତ ହେବା ଭଳି ଜଣାପଡିଛି । ଅନ୍ୟପଟେ ପେଟି ଠିକାଦାରମାନଙ୍କୁ ଉକ୍ତ କମ୍ପାନୀ ପାଇପ ବିଛାଇବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ତାଙ୍କ କାମ କରିଥିବାର ଟଙ୍କା ଦିଆଯାଇ ନ ଥିବା ମଧ ଜଣାପଡିଛି । ସବୁ ଟଙ୍କା ଦେଲା ପରେ ପୁଣି କାମ ଆରମ୍ଭ ହେବ ବୋଲି କିଛି ଠିକାଦାର ମାନେ ପ୍ରକାଶ କରିଛନ୍ତି । ଏନେଇ ସଇଁନ୍ତଲା ବ୍ଲକ କଂଗ୍ରେସ ସଭାପତି ଗୁଣ ସାଗର ମାଝୀ ଅଭିଯୋଗ କରିଛନ୍ତି ଯେ, ସ୍ଥାନୀୟ ଜନ ପ୍ରତିନିଧିଙ୍କ ଅବହେଳା ଯୋଗୁଁ ଏଭଳି ଭାବରେ କାମ ଅଟକି ରହିଛି । ତେବେ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବା ପାଇଁ ମଧ ବୁଦ୍ଧିଜୀବୀ ମହଲରେ ଦାବୀ କରାଯାଉଛି ।

## ବଲାଙ୍ଗିର ସହରରେ ସପ୍ତାହନ୍ତ ସଟ୍ ଡାଉନ୍
### ଦୋକାନ ବଜାର ଠପ୍, ଯାଂଚ କଡ଼ାକଡ଼ି



ବଲାଙ୍ଗିର, (କେପିଏନ୍ଏସ୍) : କରୋନା ସଂକ୍ରମଣର ଦ୍ୱିତୀୟ ଲହରୀ ଭୟଙ୍କର ସ୍ଥିତି ସୃଷ୍ଟି କରିବାକୁ ବସିଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ବଲାଙ୍ଗିର ଓ ଟିଟିଲାଗଡ଼ ପୌରାଂଚଳ ଏବଂ ତୁଷୁରା, ପାଟଣାଗଡ଼ ଓ କଂଟାବାଂଜି ଏନ୍ଏସି ଅଂଚଳରେ ଚାଲିଛି ସପ୍ତାହନ୍ତ ସଟ୍ ଡାଉନ୍ । ଏହି କ୍ରମରେ ବଲାଙ୍ଗିର ଶନିବାର ରବିବାର ଦୁଇ ଦିନ ଧରି ଚାଲିଥିବା ସଟ୍‌ଡାଉନ୍‌ରେ ବଲାଙ୍ଗିର ସହରର ଦୋକାନ ବଜାର ଠପ୍ ହୋଇଯାଇଛି । ପୋଲିସ ପ୍ରଶାସନ ପକ୍ଷରୁ ଯାଂଚ କଡ଼ାକଡ଼ି କରାଯାଇଥିବା ସୂଚନା ମିଳିଛି । କରୋନା ସଂକ୍ରମଣ ପ୍ରତି ଜନ ସଚେତନତା ବୃଦ୍ଧି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆପ୍ରାଣ ଉଦ୍ୟମ ଜାରି ରହିଛି । ଅନ୍ୟପକ୍ଷରେ କେତେକ ଅଂଚଳରେ ଲୋକେ କରୋନା ଗାଇଡ ଲାଇନ୍‌କୁ ଅଣଦେଖା କରୁଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ପାଟଣାଗଡ଼ ଅଂଚଳରେ ସଂକ୍ରମଣ ନଛୋଡ଼ବନ୍ଧା ରହିଥିବା ବେଳେ ବଲାଙ୍ଗିର ବ୍ଲକର କେତେକ ଗାଁରେ ମଧ୍ୟ ଏଭଳି ଅବସ୍ଥା ଦେଖିବାକୁ ମିଳିଛି । ଗାଁ ଅଂଚଳରେ କୋଭିଡ଼ କଟକଣା ମାନୁ ନଥିବା ବେଳେ ମୁହଁରେ ମାସ୍କ ପରିଧାନକୁ ମଧ୍ୟ ଗୁରୁତ୍ୱ ଦିଆଯାଉ ନଥିବା ଜଣାପଡ଼ିଛି । ଏଥିଯୋଗୁଁ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯିବାକୁ ମଧ୍ୟ ସାଧାରଣରେ ଦାବୀ ହେଉଛି ।

## କ୍ଷୀପ୍ର ବେଗରେ ବ୍ୟାପୁଛି କରୋନାର ଦ୍ୱିତୀୟ ଲହରୀ




ଭୁବନେଶ୍ୱର, (ନିପ୍ର) : ଏବେ କରୋନାର ଦ୍ୱିତୀୟ ଲହରୀ କ୍ଷୀପ୍ର ବେଗରେ ବ୍ୟାପିବାରେ ଲାଗିଛି । କିଛି ଦିନ ହେଲା ସାରା ଦେଶରେ ୩ ଲକ୍ଷ ଉପରେ ନୂଆ ସଂକ୍ରମଣଙ୍କ ସଂଖ୍ୟା ଆସୁଥିବା ବେଳେ ରବିବାର ଦିନ ପାଖାପାଖି ସାଢ଼େ ୩ ଲକ୍ଷକୁ ପହଂଚିଛି । ସେହିପରି ଓଡ଼ିଶାରେ ମଧ୍ୟ ୬ ହଜାର ଉପରକୁ ଛୁଟୁଛି କରୋନା ସଂକ୍ରମିତଙ୍କ ସଂଖ୍ୟା ପ୍ରତ୍ୟହ । ଏଭଳି ସ୍ଥିତିରେ ସାରା ଦେଶରେ ଏକ ଭୟର ବାତାବରଣ ସୃଷ୍ଟି ହୋଇ ସାରିଛି । କେଉଁଠି ଅକ୍‌ସିଜେନ୍ ଅଭାବରେ ରୋଗୀ ପ୍ରାଣ ହରାଉଥିବା ଖବର ଆସୁଛି ତ' କେଉଁଠି ରୋଗୀ ବେଡ୍ ପାଉ ନଥିବା ସୂଚନାରେ ଜନସାଧାରଣ ଆତଙ୍କିତ ହେଉଛନ୍ତି । ଏ ସବୁ ସ୍ଥିତିକୁ ଆଖି ଆଗରେ ରଖି କରୋନା କଟକଣା ଅନୁପାଳନ ସହ ସମସ୍ତେ ବାରମ୍ବାର ହାତ ଧୋଇବା, ମାସ୍କ ପରିଧାନ କରିବା ତଥା ସାମାଜିକ ଦୂରତା ରକ୍ଷା କରିବା ଜରୁରୀ ହୋଇପଡ଼ିଛି ।

## ସିଆର୍‌ପିଏଫ୍ କାର୍ଯ୍ୟାଳୟ ଦ୍ୱାରା ଶ୍ମଶାନ ସ୍ଥଳ ଅକ୍ତିଆର୍ ପ୍ରସଙ୍ଗ : ଆନ୍ଦୋଳନ ପାଇଁ ଅଂଟା ଭିଡ଼ିଲା ଶାନ୍ତିପଡ଼ା ଟାଇଗର୍ ୟୁଥ୍ କ୍ଲବ୍






ବଲାଙ୍ଗିର, (କେପିଏନ୍ଏସ୍) : ସ୍ଥାନୀୟ ଶାନ୍ତିପଡ଼ା ନିକଟସ୍ଥ ସିଆର୍‌ପିଏଫ୍ କାର୍ଯ୍ୟାଳୟ ପାଖରେ ରହିଥିବା ଶ୍ମଶାନ ସ୍ଥଳକୁ ସିଆର୍‌ପିଏଫ୍ ଦ୍ୱାରା ଜୋର୍ ଜବର୍‌ଦସ୍ତ ଅକ୍ତିଆର କରାଯାଇଥିବା ବେଳେ ସ୍ଥାନୀୟ ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ ନୂତନ ଶ୍ମଶାନ ସ୍ଥଳ ଦାବୀକୁ ବଳିଷ୍ଠ କରିଛି ଶାନ୍ତିପଡ଼ା ଟାଇଗର୍ ୟୁଥ୍ କ୍ଲବ । ସିଆର୍‌ପିଏଫ୍ ପକ୍ଷରୁ ଯଦି ଆଗାମୀ ୭ ଦିନ ମଧ୍ୟରେ ନୂତନ ଶ୍ମଶାନ ସ୍ଥଳ ପ୍ରଦାନ କରା ନଯାଏ, ତେବେ ଅଂଚଳବାସୀଙ୍କୁ ନେଇ ଘନଘୋର୍ ଆନ୍ଦୋଳନ କରାଯିବ ଏବଂ ସ୍ଥାନୀୟ ସିଆର୍‌ପିଏଫ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି କୁହାଯାଇଛି ।

ସୂଚନା ଅନୁସାରେ ଦୀର୍ଘ ୫୦ ବର୍ଷ ଧରି ଶାନ୍ତିପଡ଼ା, କନ୍ଧପାଲିପଡ଼ା, ଲର୍କିପାଲି, ଲାଲଟିକ୍ରା, ଚନ୍ଦ୍ରଶେଖରନଗର ତଥା ସରକାରୀ ଆଇଟିଆଇ ପାଖାପାଖି ଅଂଚଳରେ ବସବାସ କରୁଥିବା ଲୋକେ ଏହି ଶ୍ମଶାନରେ ଶବଦାହ କରି ଆସୁଥିଲେ । କିନ୍ତୁ ସ୍ଥାନୀୟ ଗୋଫାର୍ମ ପରିସରରେ ଗଢ଼ି ଉଠିଥିବା ସିଆର୍‌ପିଏଫ୍ କ୍ୟାମ୍ପ ପକ୍ଷରୁ ଗତ ଦୁଇ ତିନି ବର୍ଷ ହେବ ଶ୍ମଶାନ ସ୍ଥାନକୁ ଅକ୍ତିଆର କରିନେବା ପରେ ସେଠାରେ ଶବ ଦାହ କରିବାକୁ ମନା କରି ଦିଆଯାଇଥିଲା । ତେବେ ଏ ସଂକ୍ରାନ୍ତରେ ସିଆର୍‌ପିଏଫ୍ କର୍ତ୍ତୃପକ୍ଷଙ୍କୁ ଜଣାଇବାରେ ପରେ ସେ କୁଆଡ଼େ କହିଥିଲେ ଯେ, ତୁମେ ଜାଗ ଠିକ୍ କରି କୁହ, ଆମେ ସେଠାରେ ଶ୍ମଶାନ ତିଆରି ଦେବୁ । ଯା' ପରେ ଶାନ୍ତିପଡ଼ା ଟାଇଗର୍ ୟୁଥ୍ କ୍ଲବ୍‌ର ଯୁବକମାନେ ଜିଲ୍ଲା ପ୍ରଶାସନକୁ ଜାଗାଟିଏ ପାଇଁ ଜଣାଇଥିବା ବେଳେ ଏ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ଶ୍ମଶାନ ଘାଟ ପାଇଁ ଜାଗାଟିଏ ହସ୍ତାନ୍ତର କରାଯାଇ ପାରି ନଥିବା ଜଣାପଡ଼ିଛି । ତେବେ ଆଖପାଖର ଲୋକେ ଅନନ୍ୟୋପାୟ ହୋଇ ସିଆର୍‌ପିଏଫ୍ କ୍ୟାମ୍ପ ନିକଟରେ ଥିବା ପୋଖରୀ ପାଖରେ ଶବ ଦାହ କରୁଥିବା ବେଳେ 'ଏହି ସ୍ଥାନରେ ଶବ ଦାହ କରନ୍ତୁ ନାହିଁ' ବୋଲି ଏକ ବୋର୍ଡ଼ ମରାଯାଇଥିବା ଦେଖିବାକୁ ମିଳିଛି । ଏହି ବିଷୟକୁ ନେଇ ସ୍ଥାନୀୟ ଅଂଳଚରେ ଅସନ୍ତୋଷ ବୃଦ୍ଧି ପାଇଛି ।

ଦୀର୍ଘ ୫୦ ବର୍ଷ ଧରି ସଂପୃକ୍ତ ଅଂଚଳର ଲୋକେ ଶବ ଦାହ କରୁଥିବା ଏହି ଶ୍ମଶାନ ସ୍ଥଳରେ ସରକାରୀ ଅନୁଦାନରେ ଏକ ନଳକୂପ, ବାଉଣ୍ଡରୀ ୱାଲ ତଥା ଏକ ବିଶ୍ରାମ ସ୍ଥଳ ମଧ୍ୟ ନିର୍ମାଣ ହୋଇଥିଲା । ତେବେ ସିଆର୍‌ପିଏଫ୍ ପକ୍ଷରୁ ଏସବୁ ବ୍ୟବସ୍ଥା ସହ ଏକ ଶ୍ମଶାନ ସ୍ଥଳ ଆଗାମୀ ୭ ଦିନ ଭିତରେ ଜନସାଧାରଣଙ୍କ ହିତ ପାଇଁ ପ୍ରଦାନ କରାଯିବାକୁ ଦାବୀ କରାଯାଇଛି ।

ଶାନ୍ତିପଡ଼ା ଟାଇଗର୍ ୟୁଥ୍ କ୍ଲବ୍ ପକ୍ଷରୁ କୁହାଯାଇଛି ଯେ, ଯେଉଁ ଅଂଚଳ ଗୁଡ଼ିକରେ ସିଆର୍‌ପିଏଫ୍ କାର୍ଯ୍ୟାଳୟ ପ୍ରତିଷ୍ଠା ହୁଏ, ସେସବୁ ଅଂଚଳରେ ଅନେକ ଜନ ହିତକର ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ । କିନ୍ତୁ ବଲାଙ୍ଗିର ଶାନ୍ତିପଡ଼ା ସ୍ଥିତ ସିଆର୍‌ପିଏଫ୍ କାର୍ଯ୍ୟଳୟରେ ତାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଜନସାଧାରଣଙ୍କ ହିତ ପାଇଁ କାର୍ଯ୍ୟ କରିବା ପରିବର୍ତ୍ତେ ସିଆର୍‌ପିଏଫ୍ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଶ୍ମଶାନ ସ୍ଥଳକୁ ଛଡ଼ାଇ ନେଇଛି, ଯାହା ସ୍ଥାନୀୟ ଲୋକଙ୍କୁ ଖୁବ୍ କଷ୍ଟ ଦେଇଛି ।

ତେବେ ଆଗାମୀ ଦିନରେ ଏକ ଘନଘୋର ଜନଆନ୍ଦୋଳନକୁ ଏଡ଼ାଇବା ପାଇଁ ସିଆର୍‌ପିଏଫ୍ କର୍ତ୍ତୃପକ୍ଷ ତଥା ଜିଲ୍ଲା ପ୍ରଶାସନ ବିହିତ ପଦକ୍ଷେପ ନେବା ଅତ୍ୟନ୍ତ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ମଧ୍ୟ ଦୃଷ୍ଟି ଦେବାକୁ ଲୋକେ କହିଛନ୍ତି । ସିଆର୍‌ପିଏଫ୍ କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ ।




# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରେଡିଓ ଅଭିଭାଷଣ 'ମନ୍ କି ବାତ୍'ର ଓଡିଆ ଭାଷାନ୍ତର

ନୂଆଦିଲ୍ଲୀ, (ପିଆଇବି) :

ମୋର ପ୍ରିୟ ଦେଶବାସୀଗଣ, ନମସ୍କାର । ଆଜି ଆପଣମାନଙ୍କୁ 'ମନ୍ କି ବାତ୍' ଏପରି ଏକ ସମୟରେ କହୁଛି, ଯେତେବେଳେ କରୋନା ଆମ ସମସ୍ତଙ୍କର ଧୈର୍ଯ୍ୟ ଓ ସମସ୍ତଙ୍କର ଦୁଃଖ ସହିବାର ସୀମାକୁ ପରଖୁଛି । ଅନେକ ନିଜ ଲୋକ ଆମକୁ ଅସମୟରେ ଛାଡି ଚାଲିଯାଇଛନ୍ତି । କରୋନାର ପ୍ରଥମ ଲହରକୁ ସଫଳତାର ସହିତ ମୁକାବିଲା କରିବା ପରେ ଦେଶ ଉତ୍ସାହରେ ପରିପୂର୍ଣ୍ଣ ଥିଲା, ଆତ୍ମବିଶ୍ୱାସରେ ଭରି ରହିଥିଲା, କିନ୍ତୁ ଏହି ଝଡ ଦେଶକୁ ଦୋହଲାଇ ଦେଇଛି ।

ବନ୍ଧୁଗଣ, ବିଗତ ଦିନରେ ଏହି ସଙ୍କଟର ମୁକାବିଲା ପାଇଁ, ଭିନ୍ନ ଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କ ସହ ମୋର ଦୀର୍ଘ ଆଲୋଚନା ହୋଇଛି । ଆମର ଔଷଧ ପ୍ରସ୍ତୁତି ଶିଳ୍ପ ସହ ଜଡିତ ଲୋକ ହୁଅନ୍ତୁ, ଟିକା ନିର୍ମାତା ହୁଅନ୍ତୁ, ଅମ୍ଳଜାନ ପ୍ରସ୍ତୁତି ସହ ଜଡିତ ଲୋକ ହୁଅନ୍ତୁ କିମ୍ବା ଚିକିତ୍ସା କ୍ଷେତ୍ରର ବିଶେଷଜ୍ଞମାନେ ହୁଅନ୍ତୁ, ସେମାନେ ନିଜ ନିଜର ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ସରକାରଙ୍କୁ ଦେଇଛନ୍ତି । ଏବେ ଆମକୁ ଏହି ସଂଗ୍ରାମରେ ବିଜୟ ଲାଭ କରିବାକୁ ହେଲେ ବିଶେଷଜ୍ଞ ଏବଂ ବୈଜ୍ଞାନିକମାନଙ୍କ ପରାମର୍ଶକୁ ଅଗ୍ରାଧିକାର ଦେବାକୁ ହେବ । ରାଜ୍ୟ ସରକାରମାନଙ୍କର ପ୍ରଚେଷ୍ଟାକୁ ଆଗକୁ ବଂଚାଇବା ପାଇଁ ଭାରତ ସରକାର ସମ୍ପୂର୍ଣ୍ଣ ଶକ୍ତି ସହ ଲାଗିପଡିଛନ୍ତି । ରାଜ୍ୟ ସରକାରମାନେ ମଧ୍ୟ ନିଜ ଦାୟିତ୍ୱ ନିର୍ବାହ କରିବାର ପୂର୍ଣ୍ଣ ଚେଷ୍ଟା କରୁଛନ୍ତି । ବନ୍ଧୁଗଣ, କରୋନା ବିରୁଦ୍ଧରେ ବର୍ତମାନ ଦେଶର ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନେ ସଂଗ୍ରାମ ଚଳାଇଛନ୍ତି । ଗତବର୍ଷ ଏହି ବ୍ୟାଧିକୁ ନେଇ ସେମାନେ ଅନେକ ଅନୁଭୂତି ସାଉଁଟିଛନ୍ତି । ଆମ ସହ ବର୍ତମାନ ମୁମ୍ବାଇରୁ ପ୍ରସିଦ୍ଧ ଡାକ୍ତର ଶଶାଙ୍କ ଜୋଷୀ ଯୋଡି ହୋଇଛନ୍ତି ।

କରୋନା ଚିକିତ୍ସା ଏବଂ ତା'ସହ ସମ୍ପୃକ୍ତ ଗବେଷଣା କ୍ଷେତ୍ରରେ ଡାକ୍ତର ଶଶାଙ୍କ କ୍ଷେତ୍ରୀୟ ସ୍ତରରେ ଗଭୀର ଅନୁଭବ ଲାଭ କରିଛନ୍ତି । ସେ ଇଣ୍ଡିଆନ୍ କଲେଜ ଅଫ୍ ଫିଜିସିଆନ୍ସର ଡିନ୍ ଥିଲେ । ଆସନ୍ତୁ, କଥା ହେବା ଡା. ଶଶାଙ୍କଙ୍କ ସହ –

ମୋଦି ଜୀ – ନମସ୍କାର ଡା. ଶଶାଙ୍କ ।

ଡା. ଶଶାଙ୍କ – ନମସ୍କାର ସାର୍ ।

ମୋଦି ଜୀ – କିଛିଦିନ ତଳେ ଆପଣଙ୍କ ସହ କଥା ହେବାର ସୁଯୋଗ ମିଳିଥିଲା । ଆପଣଙ୍କ ମତାମତର ସ୍ୱଷ୍ଟତା ମୋତେ ବହୁତ ଭଲ ଲାଗିଥିଲା । ଦେଶର ସମସ୍ତ ନାଗରିକ ଆପଣଙ୍କ ମତାମତ ଜାଣିବା ଉଚିତ ବୋଲି ମୋର ମନେ ହେଲା । ଯାହା ସବୁ ଶୁଣିବାକୁ ମିଳୁଛି, ସେଗୁଡିକୁ ମୁଁ ପ୍ରଶ୍ନ ରୂପେ ଆପଣଙ୍କ ଆଗରେ ଉପସ୍ଥାପିତ କରୁଛି । ଡା. ଶଶାଙ୍କ, ଆପଣମାନେ ଏବେ ଦିନରାତି ଜୀବନରକ୍ଷା କାର୍ଯ୍ୟରେ ଲାଗିଛନ୍ତି । ସର୍ବପ୍ରଥମେ ଏହି ଦ୍ୱିତୀୟ ଲହର ବିଷୟରେ ଲୋକଙ୍କୁ ଜଣାନ୍ତୁ ବୋଲି ମୁଁ ଚାହୁଁଛି । ଚିକିତ୍ସା ଦୃଷ୍ଟିରୁ ଏହା କିପରି ଭିନ୍ନ ଏବଂ ଏଥିପାଇଁ କି କି ସତର୍କତାର ଆବଶ୍ୟକତା ରହିଛି ?

ଡା. ଶଶାଙ୍କ – ଧନ୍ୟବାଦ ସାର୍, ଇଏ ଯେଉଁ ଦ୍ୱିତୀୟ ଲହର ଆସିଛି, ଏହା ଦ୍ରୁତ ଗତିରେ ଆସିଛି । ପ୍ରଥମେ ଯେଉଁ ଲହର ଚାଲିଥିଲା, ତା' ଅପେକ୍ଷା ଏଥର ଭାଇରସ ଅଧିକ ଦ୍ରୁତ ଗତିରେ ବ୍ୟାପୁଛି । କିନ୍ତୁ, ଭଲ କଥା ଯେ, ତା'ଠାରୁ ଅଧିକ ବେଗରେ ଲୋକେ ସୁସ୍ଥ ମଧ୍ୟ ହେଉଛନ୍ତି ଏବଂ ମୃତ୍ୟୁହାର ଯଥେଷ୍ଟ କମ ରହିଛି । ଏଥିରେ ୨–୩ଟି ପାର୍ଥକ୍ୟ ରହିଛି । ପ୍ରଥମତଃ, ଏହା ଯୁବଗୋଷ୍ଠୀ ଏବଂ ଶିଶୁମାନଙ୍କ ମଧ୍ୟରେ ବି କିଛି ମାତ୍ରାରେ ଦେଖାଯାଉଛି । ଏହାର ଲକ୍ଷଣ ପୂର୍ବ ଥରର ଲକ୍ଷଣ ଯେମିତିକି ନିଃଶ୍ୱାସ–ପ୍ରଶ୍ୱାସରେ କଷ୍ଟ ହେବା, ଶୁଖିଲା କାଶ ହେବା, ଜ୍ୱର ହେବା, ଏସବୁ ତ ରହିଛି, ତା' ସାଙ୍ଗକୁ ଗନ୍ଧ ବାରି ନ ପାରିବା, ସ୍ୱାଦ ଜାଣି ନ ପାରିବା ଭଳି ଲକ୍ଷଣ ମଧ୍ୟ ରହିଛି । ଲୋକେ ମଧ୍ୟ କିଛି ମାତ୍ରାରେ ଭୟଭୀତ ହୋଇଛନ୍ତି । ଭୟ କରିବାର କୌଣସି ଆବଶ୍ୟକତା ନାହିଁ । ଶତକଡା ୮୦ରୁ ୯୦ ଭାଗ ଲୋକଙ୍କଠାରେ ଏହାର କୌଣସି ଲକ୍ଷଣ ପ୍ରକାଶ ପାଏ ନାହିଁ । ଯେଉଁ ମ୍ୟୁଟେସନ୍ କଥା କହୁଛନ୍ତି, ସେଥିରେ ଡରିବାର କୌଣସି କାରଣ ନାହିଁ । ଏହି ମ୍ୟୁଟେସନ ଏକ ନିରନ୍ତର ପ୍ରକ୍ରିୟା । ଆମେ ପୋଷାକ ପରିବର୍ତ୍ତନ କରିବା ଭଳି, ଭାଇରସ୍ ନିଜ ରୂପ ପରିବର୍ତନ କରୁଛି । ତେଣୁ ଭୟ କରିବାର କୌଣସି କାରଣ ନାହିଁ । ଏହି ଲହରର ମୁକାବିଲା କରିବାରେ ଆମେ ସଫଳତା ଲାଭ କରିବା । ଲହର ଏମିତି ଚାଲିଥାଏ । ଭାଇରସ୍ ମଧ୍ୟ ଏମିତି ଆସୁଥାଏ–ଯାଉଥାଏ । ସେଥିପାଇଁ ଏମିତି ଭିନ୍ନ ଭିନ୍ନ ଲକ୍ଷଣ ପ୍ରକାଶ ପାଇଥାଏ । ସ୍ୱାସ୍ଥ୍ୟ ଦୃଷ୍ଟିରୁ ଆମେ ସତର୍କ ରହିବା ଉଚିତ । ଏହା ୧୪ରୁ ୨୧ ଦିନର ଗୋଟିଏ କୋଭିଡ ଟାଇମ–ଟେବୁଲ । ଏଥିରେ ଡାକ୍ତରମାନଙ୍କ ପରାମର୍ଶ ନେବା ଆବଶ୍ୟକ ।

ମୋଦି ଜୀ – ଡା. ଶଶାଙ୍କ, ଆପଣ ଯେଉଁ ବିଶ୍ଲେଷଣ କଲେ, ତାହା ମୋ ପାଇଁ ବହୁତ କୌତୂହଳପ୍ରଦ । ମୁଁ ଅନେକ ଚିଠି ପାଇଛି, ଯେଉଁଥିରେ ଚିକିତ୍ସା ବିଷୟରେ ଲୋକଙ୍କ ମନରେ ଅନେକ ଆଶଙ୍କା ରହିଛି । କେତେକ ଔଷଧର ଚାହିଦା ବହୁତ ବଢ଼ିଛି । ଏଥିପାଇଁ ମୁଁ ଚାହୁଁଛି ଯେ, ଆପଣ କୋଭିଡ୍‌ର ଚିକିତ୍ସା ସମ୍ପର୍କରେ ଲୋକଙ୍କୁ ନିଶ୍ଚୟ କିଛି କୁହନ୍ତୁ ।

ଡା. ଶଶାଙ୍କ – ହଁ ସାର୍, ଲୋକେ ଚିକିତ୍ସା ପାଇଁ ବିଳମ୍ବରେ ଡାକ୍ତରଖାନା ଆସୁଛନ୍ତି । ରୋଗ ଆପେ ଆପେ ଭଲ ହୋଇଯିବ ବୋଲି ଭାବୁଛନ୍ତି । ମୋବାଇଲରେ ଆସୁଥିବା କଥାଗୁଡିକ ଉପରେ ବିଶ୍ୱାସ କରୁଛନ୍ତି । ଯଦି ସେମାନେ ସରକାରଙ୍କ ଦ୍ୱାରା ଦିଆଯାଉଥିବା ସୂଚନାକୁ ପାଳନ କରିଥାନ୍ତେ, ତାହେଲେ ଏଭଳି କଠିନ ପରିସ୍ଥିତି ଉପୁଜି ନଥାନ୍ତା । କୋଭିଡ୍‌ରେ କ୍ଲିନିକ୍ ଟ୍ରିଟମେଂଟ୍ ପ୍ରୋଟୋକଲ୍ ରହିଛି । ସେଥିରେ ତିନି ପ୍ରକାର ତୀବ୍ରତା କଥା କୁହାଯାଇଛି – ହାଲ୍କା ବା ମାଇଲ୍ଡ କୋଭିଡ୍, ମଧ୍ୟମ ବା ମଡ୍‌ରେଟ୍ କୋଭିଡ୍ ଏବଂ ତୀବ୍ର ବା ସିଭିୟର୍ କୋଭିଡ୍ । ମାଇଲ୍ଡ କୋଭିଡ୍ କ୍ଷେତ୍ରରେ ଆମେ ଅକ୍ସିଜେନ୍ ମନିଟରିଂ ବା ଅମ୍ଳଜାନର ମାତ୍ରାକୁ ତଦାରଖ କରିଥାଉ, ଜ୍ୱର ବଢ଼ିଗଲେ ବେଳେବେଳେ ପାରାସିଟାମଲ୍ ଭଳି ଔଷଧ ବ୍ୟବହାର କରିଥାଉ । ଏଭଳି ପରିସ୍ଥିତିରେ ନିଜର ଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ । ମଧ୍ୟମ ଏବଂ ତୀବ୍ର କୋଭିଡ୍ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଜରୁରୀ । ଭଲ ଔଷଧ ସୁଲଭ ମୂଲ୍ୟରେ ଉପଲବ୍ଧ । ସେଥିରେ ରହିଥିବା ଷ୍ଟେରଏଡ୍ ଜୀବନ ରକ୍ଷା କରିପାରେ । ଇନ୍‌ହେଲର୍ ଏବଂ ଟ୍ୟାବଲେଟ୍ ମଧ୍ୟ ଦିଆଯାଇପାରେ । ତା'ସହିତ ଅମ୍ଳଜାନ ମଧ୍ୟ ଦେବାକୁ ପଡିଥାଏ । ଏଥିପାଇଁ ଛୋଟ ଛୋଟ ଚିକିତ୍ସାମାନ ରହିଛି । କିନ୍ତୁ, ପ୍ରାୟତଃ ଦେଖାଯାଇଥାଏ ଯେ, ଗୋଟିଏ ନୂଆ ପ୍ରୟୋଗାତ୍ମକ ଔଷଧ ରହିଛି, ଯାହାର ନାଁ ରେମ୍‌ଡେସିଭିର୍ । ଏହି ଔଷଧ ଯୋଗୁଁ ଗୋଟିଏ କଥା ନିଶ୍ଚିତ ହୋଇଥାଏ ଯେ ଡାକ୍ତରଖାନାରେ ୨–୩ ଦିନ କମ୍ ରହିବାକୁ ପଡିଥାଏ ଏବଂ କ୍ଲିନିକାଲ୍ ରିକଭରିରେ ଏହା ଟିକିଏ ସାହାଯ୍ୟ କରିଥାଏ । ଏ ଔଷଧ ପୁଣି କେତେବେଳେ କାମ କରେ ? ଯଦି ଏହି ଔଷଧକୁ ପ୍ରଥମ ୯–୧୦ ଦିନରେ ଦିଆଯାଏ ତାହେଲେ ଏହା ଭଲ କାମ କରିଥାଏ । ଆଉ ଏହାକୁ ପାଂଚଦିନ ଦେବାକୁ ହୋଇଥାଏ । ତେଣୁ ଲୋକେ ରେମ୍‌ଡେସିଭିର ପଛରେ ଯେମିତି ଧାଇଁଛନ୍ତି, ତାହା ଉଚିତ ନୁହେଁ । ଏହି ଔଷଧକୁ ଅତି ଜରୁରୀ ନ ଥିଲେ ଦିଆଯାଏ ନାହିଁ । ଯେଉଁମାନଙ୍କର ଅମ୍ଳଜାନ ଦରକାର ହୋଇଥାଏ, ଯେଉଁମାନଙ୍କୁ ଡାକ୍ତରଖାନାରେ ଭର୍ତି ହେବାକୁ ପଡିଥାଏ, ସେହିମାନେ ହିଁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଏହି ଔଷଧ ପ୍ରୟୋଗ କରିବା ଉଚିତ । ସମସ୍ତେ ଏକଥା ବୁଝିବା ନିହାତି ଆବଶ୍ୟକ । ଯଦି ଆମେ ପ୍ରାଣାୟାମ କରିବା, ଆମର ଶରୀରର ଫୁସ୍‌ଫୁସ୍‌କୁ ପ୍ରସାରିତ କରିବା ଏବଂ ରକ୍ତକୁ ପତଳା କରିବା ପାଇଁ ଯେଉଁ ଇଞ୍ଜେକସନ ଦିଆଯାଇଥାଏ, ଯାହାକୁ ଆମେ ହେପାରିନ୍ କହୁଁ, ଏହି ଛୋଟ ଛୋଟ ଔଷଧରେ ହିଁ ଶତକଡା ୯୮ ଭାଗ ଲୋକେ ଭଲ ହୋଇଯାଆନ୍ତି । କିନ୍ତୁ ମନରେ ସକାରାତ୍ମକ ଭାବନା ରହିବା ବହୁତ ଜରୁରୀ । ଟ୍ରିଟମେଂଟ ପ୍ରୋଟୋକଲ୍ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ହେବା ନିହାତି ଆବଶ୍ୟକ । ଦାମିକା ଔଷଧ ପଛରେ ଗୋଡାଇବାର କୌଣସି ଆବଶ୍ୟକତା ନାହିଁ । ସାର୍, ଆମ ନିକଟରେ ଉତ୍ତମ ଚିକିତ୍ସାର ଉପଲବ୍ଧତା ଅଛି, ଅମ୍ଳଜାନ ରହିଛି, ଭେଂଟିଲେଟରର ସୁବିଧା ରହିଛି – ସବୁ କିଛି ଅଛି ସାର୍, ଆଉ ଯଦି କେବେ କେବେ ଏହି ଔଷଧ ମିଳେ ତାହେଲେ ଯୋଗ୍ୟ ରୋଗୀଙ୍କୁ ହିଁ ଦିଆଯିବା ଉଚିତ । ଏହି କ୍ଷେତ୍ରରେ ବହୁତ ଭୁଲ ଧାରଣା ରହିଛି । ତେଣୁ ଏକଥା ସ୍ପଷ୍ଟ କରିଦେବାକୁ ଚାହୁଁଛି ସାର୍, ଯେ ଆମ ପାଖରେ ବିଶ୍ୱର ଶ୍ରେଷ୍ଠ ଚିକିତ୍ସା ଉପଲବ୍ଧ । ଆପଣ ଲକ୍ଷ୍ୟ କରିବେ ଯେ, ଭାରତରେ ଆରୋଗ୍ୟ ହାର ସବୁଠାରୁ ଅଧିକ । ଆପଣ ଯଦି ଇଉରୋପ କିମ୍ବା ଆମେରିକା ସହ ତୁଳନା କରିବେ ତାହେଲେ ଦେଖିବେ ଯେ, ତାଙ୍କ ଅପେକ୍ଷା ଆମ ଟ୍ରିଟମେଂଟ ପ୍ରୋଟୋକଲ୍‌ରେ ଅଧିକ ରୋଗୀ ଭଲ ହେଉଛନ୍ତି ସାର୍ ।

ମୋଦି ଜୀ – ଡା. ଶଶାଙ୍କ, ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ । ଡା. ଶଶାଙ୍କ ଆମକୁ ଯାହା ସୂଚନା ଦେଲେ, ସେସବୁ ନିହାତି ଜରୁରୀ ଏବଂ ଆମମାନଙ୍କ କାମରେ ଲାଗିବ ।

ବନ୍ଧୁଗଣ, ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି, ଯଦି ଆପଣଙ୍କର କୌଣସି ସୂଚନା ଦରକାର ହୁଏ, ଯଦି କୌଣସି ଆଶଙ୍କା ଥାଏ, ତାହେଲେ ଉଚିତ ସ୍ରୋତରୁ ହିଁ ସୂଚନା ଗ୍ରହଣ କରନ୍ତୁ, ଯେମିତିକି ଆପଣଙ୍କ ଫ୍ୟାମିଲି ଡାକ୍ତର ହୁଅନ୍ତୁ, ପାଖରେ ଥିବା ଡାକ୍ତର ହୁଅନ୍ତୁ, ଆପଣ ସେମାନଙ୍କୁ ଟେଲିଫୋନରେ ଯୋଗାଯୋଗ କରି ତାଙ୍କ ପରାମର୍ଶ ଗ୍ରହଣ କରନ୍ତୁ । ମୁଁ ଲକ୍ଷ୍ୟ କରୁଛି, ଆମର ଅନେକ ଡାକ୍ତର ସ୍ୱୟଂ ଏହି ଦାୟିତ୍ୱ ଗ୍ରହଣ କରୁଛନ୍ତି । ଅନେକ ଡାକ୍ତର ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କୁ ସୂଚନା ପ୍ରଦାନ କରୁଛନ୍ତି । ଫୋନରେ, ହ୍ୱାଟ୍ସଆପ୍ ମାଧ୍ୟମରେ ବି ପରାମର୍ଶ ଦେଉଛନ୍ତି । ଅନେକ ଡାକ୍ତରଖାନାର ୱେବ୍‌ସାଇଟ୍ ରହିଛି, ଯେଉଁଠି ସୂଚନା ଉପଲବ୍ଧ ହେଉଛି । ସେଠାରେ ଆପଣ ଡାକ୍ତରଙ୍କ ପରାମର୍ଶ ମଧ୍ୟ ନେଇପାରିବେ । ଏହା ବହୁତ ପ୍ରଶଂସନୀୟ ।

ମୋ ସହିତ ଶ୍ରୀନଗରରୁ ଡାକ୍ତର ନାୱିଦ୍ ନଜିର ଶାହ ଯୋଡି ହୋଇଛନ୍ତି । ଡାକ୍ତର ନାୱିଦ୍ ହେଉଛନ୍ତି ଶ୍ରୀନଗରର ଗୋଟିଏ ସରକାରୀ ଭେଷଜ ମହାବିଦ୍ୟାଳୟର ଜଣେ ପ୍ରଫେସର । ଡା. ନାୱିଦ୍ ନିଜ ଉଦ୍ୟମରେ ଅନେକ କରୋନା ରୋଗୀଙ୍କୁ ସୁସ୍ଥ କରିସାରିଛନ୍ତି, ତା'ଛଡା ରମଜାନର ଏହି ପବିତ୍ର ମାସରେ ବି ଡା. ନାୱିଦ୍ ନିଜ କାର୍ଯ୍ୟ କରିଚାଲିଛନ୍ତି । ସେ ଆମ ସହିତ କଥା ହେବାପାଇଁ ସମୟ ମଧ୍ୟ ବାହାର କରିଛନ୍ତି । ଆସନ୍ତୁ ତାଙ୍କରି ସହ କଥା ହେବା ।

ମୋଦି ଜୀ – ନାୱିଦ୍ ଜୀ ନମସ୍କାର ।

ଡା. ନାୱିଦ୍ – ନମସ୍କାର ସାର୍ ।

ମୋଦି ଜୀ – ଡା. ନାୱିଦ୍, ଆମ 'ମନ୍ କି ବାତ୍'ର ଶ୍ରୋତାମାନେ ଏହି କଠିନ ସମୟରେ ପାନିକ୍ ମାନେଜ୍‌ମେଂଟ ସମ୍ପର୍କରେ ପ୍ରଶ୍ନ ଉତଥାପନ କରିଛନ୍ତି । ଆପଣ ନିଜ ଅନୁଭୂତିରୁ ସେମାନଙ୍କୁ କ'ଣ ଉତ୍ତର ଦେବେ ?


## ସଂପାଦକୀୟ



ପ୍ରଚଣ୍ଡ ପ୍ରତିଭାର ଅଧିକାରୀ
ଯୁବ ସାମ୍ବାଦିକ
ଅମଜଦ୍ ବାଦ୍‌ସା'ଙ୍କୁ ଶ୍ରଦ୍ଧାଂଜଳି
ପ୍ରଦାନ ଉଦ୍ଦେଶ୍ୟରେ ଚଳିତ
ସଂଖ୍ୟାର ସଂପାଦକୀୟ ସ୍ତମ୍ଭ
ସମର୍ପିତ ।


ଡା. ନାୱିଦ୍– ଦେଖନ୍ତୁ, କରୋନା ଆରମ୍ଭ ହେବା ସମୟରେ କାଶ୍ମୀରର ଯେଉଁ ହସପିଟାଲକୁ ପ୍ରଥମ କୋଭିଡ ହସ୍ପିଟାଲ୍ ଭାବରେ ରୂପାନ୍ତରିତ କରାଯାଇଥିଲା, ତାହାଥିଲା ଆମର ସିଟି ହସପିଟାଲ୍ । ସେହି ହସ୍ପିଟାଲ ଭେଷଜ ମହାବିଦ୍ୟାଳୟ ଅଧୀନରେ ହିଁ ରହିଛି । ସେତେବେଳେ ଗୋଟିଏ ଭୟର ବାତାବରଣ ଥିଲା । ଲୋକଙ୍କ ମନରେ ତ ଏହା ନିଶ୍ଚିତ ଭାବେ ରହିଥିଲା, ଯେ ଯଦି କେହି କରୋନା ସଂକ୍ରମିତ ହେଲା, ତାହେଲେ ତାହାକୁ ମୃତ୍ୟୁଦଣ୍ଡ ବୋଲି ଧରି ନିଆଯାଉଥିଲା । ଆମ ଚିକିତ୍ସାଳୟରେ ଯେଉଁ ଡାକ୍ତରମାନେ କିମ୍ବା ପାରା–ମେଡିକାଲ ଷ୍ଟାଫ୍ କାମ କରୁଥିଲେ, ସେମାନଙ୍କ ମନରେ ବି ଗୋଟିଏ ଭୟର ବାତାବରଣ ଥିଲା ଯେ, ଏଭଳି ରୋଗୀଙ୍କୁ ଆମେ କେମିତି ଚିକିତ୍ସା କରିବା ? ଏଥିରେ ଆମ ପ୍ରତି ସଂକ୍ରମଣର ଭୟ ନାହିଁ ତ କିନ୍ତୁ ସେହି ସମୟରେ ଆମେ ଅନୁଭବ କଲୁ ଯେ, ଯଦି ଆମେ ସମ୍ପୂର୍ଣ୍ଣ ଭାବେ ସୁରକ୍ଷା ପୋଷାକ (ପ୍ରୋଟେକ୍ଟିଭ୍ ଗିୟର୍) ପରିଧାନ କରିବା, ଅନ୍ୟ ସମସ୍ତ ପ୍ରକାର ସାବଧାନତା ଅବଲମ୍ବନ କରିବା, ତାହେଲେ ଆମେ ନିଜେ ସୁରକ୍ଷିତ ରହିବା ସହ ଆମର ଅନ୍ୟ କର୍ମଚାରୀମାନେ ମଧ୍ୟ ସୁରକ୍ଷିତ ରହିପାରିବେ । ଆଗକୁ ଆମେ ଏ କଥା ମଧ୍ୟ ଲକ୍ଷ୍ୟ କଲୁ ଯେ, କିଛି ରୋଗୀଙ୍କଠାରେ କୌଣସି ଲକ୍ଷଣ ପ୍ରକାଶ ପାଉନଥିଲା । ଆମେ ଦେଖିଲୁ ଯେ, ପ୍ରାୟଃ ଶତକଡା ୯୦ରୁ ୯୫ ଭାଗରୁ ଅଧିକ ରୋଗୀ ବିନା ଚିକିତ୍ସାରେ ମଧ୍ୟ ଆରୋଗ୍ୟ ଲାଭ କରୁଛନ୍ତି । ତେଣୁ ସମୟକ୍ରମେ ଲୋକଙ୍କ ମନରୁ କରୋନା ପ୍ରତି ରହିଥିବା ଭୟ ବହୁ ମାତ୍ରାରେ ଦୂର ହେଇଗଲା । ଏବେ ଇଏ ଯେଉଁ ଦ୍ୱିତୀୟ ଲହର ଆସିଛି, ଏଥିରେ ମଧ୍ୟ ଭୟଭୀତ ହେବା ଦରକାର ନାହିଁ । ଏଥର ମଧ୍ୟ ଯେଉଁ ସବୁ ସୁରକ୍ଷା ଉପାୟ ରହିଛି, ଯାହା ଏସ୍‌ଓପି ରହିଛି, ସେଗୁଡିକ ଅବଲମ୍ବନ କଲେ – ଯେମିତିକି ମାସ୍କ ପିନ୍ଧିବା, ହ୍ୟାଣ୍ଡ ସାନିଟାଇଜର ବ୍ୟବହାର କରିବା, ସାମାଜିକ ଦୂରତା ରକ୍ଷା କରିବା କିମ୍ବା ସାମାଜିକ କାର୍ଯ୍ୟରେ ଏକାଠି ହେବା ଆଦିକୁ ଏଡାଇ ଦେଲେ, ଆମ ନୈନ୍ଦିନ କାର୍ଯ୍ୟକୁ ଆମେ ସୁଚାରୁ ରୂପେ କରିପାରିବା ଏବଂ ଏହି ବ୍ୟାଧିରୁ ସୁରକ୍ଷା ମଧ୍ୟ ପାଇପାରିବା ।

ମୋଦି ଜୀ – ଡା. ନାୱିଦ୍, ଟିକାକୁ ନେଇ ମଧ୍ୟ ଲୋକଙ୍କ ମନରେ ଅନେକ ପ୍ରଶ୍ନ ରହିଛି, ଯେମିତିକି – ଟିକା କେତେ ସୁରକ୍ଷା ପ୍ରଦାନ କରିପାରିବ, ଟିକା ନେବା ପରେ ଆମେ ସୁରକ୍ଷିତ ବୋଲି ଆଶ୍ୱସ୍ତ ହୋଇପାରିବା କି ? ଏ ବିଷୟରେ ଆପଣ ଏଠାରେ କିଛି କୁହନ୍ତୁ । ଶ୍ରୋତାମାନେ ବହୁତ ଉପକୃତ ହେବେ ।

ଡା. ନାୱିଦ୍– କରୋନା ସଂକ୍ରମଣ କଥା ଯେବେଠାରୁ ଆମ ସାମ୍ନାକୁ ଆସିଲା, ସେଦିନଠାରୁ ଆଜି ଯାଏ ଆମ ପାଖରେ କୋଭିଡ୍–୧୯ ପାଇଁ କୌଣସି ପ୍ରଭାବଶାଳୀ ଚିକିତ୍ସା ନାହିଁ । ତେଣୁ, ଆମେ କେବଳ ଦୁଇଟି ଉପାୟରେ ଏହି ସମସ୍ୟାକୁ ପ୍ରତିହତ କରିପାରିବା । ପ୍ରଥମତଃ ସୁରକ୍ଷା ଉପାୟ ଏବଂ ଦ୍ୱିତୀୟରେ ଯଦି କୌଣସି ପ୍ରଭାବଶାଳୀ ଟିକା ଆମକୁ ମିଳିଯାଏ, ତାହା ଆମକୁ ଏହି ରୋଗରୁ ମୁକ୍ତି ଦେଇପାରିବ । ଆମ ଦେଶରେ ଏବେ ଦୁଇଟି ଟିକା ଉପଲବ୍ଧ – କୋଭାକ୍ସିନ ଓ କୋଭିସିଲ୍ଡ, ଯାହା ଆମରି ଦେଶରେ ତିଆରି ହୋଇଥିବା ଟିକା । କମ୍ପାନୀମାନେ କରିଥିବା ପ୍ରୟୋଗରେ ଦେଖାଯାଇଛି ଯେ, ଏହାର କାର୍ଯ୍ୟକାରିତା ୬୦ ପ୍ରତିଶତରୁ ମଧ୍ୟ ଅଧିକ । ଆଉ, ଜାମ୍ମୁ–କାଶ୍ମୀର କଥା କହିବାକୁ ଗଲେ, ଆମ କେନ୍ଦ୍ରଶାସିତ ଅଂଚଳରେ ଏ ଯାଏ ୧୫ରୁ ୧୬ ଲକ୍ଷ ଲୋକ ଏହି ଟିକା ନେଇ ସାରିଛନ୍ତି । ହଁ, ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ କିଛି ଭ୍ରମଧାରଣା ଦେଖିବାକୁ ମିଳିଛି ଯେ ଏହାର ଏ ସବୁ ପାର୍ଶ୍ୱ ପ୍ରତିକ୍ରିୟା ରହିଛି । କିନ୍ତୁ ଆମ ପାଖରେ ଯେଉଁମାନେ ଏ ଟିକା ଗ୍ରହଣ କରିଛନ୍ତି, ସେମାନଙ୍କଠାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇନି । କେବଳ ଯାହା ପ୍ରତ୍ୟେକ ଟିକା କ୍ଷେତ୍ରରେ ଦେଖାଯାଏ, କାହାକୁ ଟିକିଏ ଜ୍ୱର ହୋଇଥାଏ, କାହାକୁ ସାରା ଶରୀର ଦରଜ ବା କାହାକୁ ଇଂଜେକ୍ସନ ଦିଆଯାଇଥିବା ସ୍ଥାନରେ ଦରଜ ହେବାଭଳି ସାମାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା ଆମେ ପ୍ରତ୍ୟେକ ରୋଗୀଙ୍କଠାରେ ଦେଖିବାକୁ ପାଇଛୁ, କିନ୍ତୁ ମୋଟାମୋଟି ସେମିତି କୌଣସି ବଡ ଧରଣର ପାର୍ଶ୍ୱ ପ୍ରତିକ୍ରିୟା ଆମେ ଦେଖିବାକୁ ପାଇନୁ । ଆଉ ହଁ, ଦ୍ୱିତୀୟ କଥା, ଲୋକଙ୍କ ମନରେ ଯାହା ଆଶଙ୍କା ଥିଲା ଯେ, କିଛି ଲୋକ ଟିକା ନେବାପରେ ମଧ୍ୟ ପଜେଟିଭ୍ ହୋଇଗଲେ, ସେ କ୍ଷେତ୍ରରେ କମ୍ପାନୀର ଗାଇଡ ଲାଇନ୍ ରହିଛି ଯେ, ଟିକା ନେବା ପରେ ଯଦି କୌଣସି ବ୍ୟକ୍ତି ସଂକ୍ରମିତ ହୁଅନ୍ତି, ତା ହେଲେ ସେ ପଜିଟିଭ୍ ହୋଇପାରନ୍ତି; କିନ୍ତୁ ରୋଗର ସିଭିୟରିଟି ବା ସେହି ରୋଗୀମାନଙ୍କଠାରେ ଏହା ସେତେଟା ଘାତକ ହେବନି । ତେଣୁ ଟିକା ବିଷୟରେ ଆମ ମନରେ ଯାହା କିଛି ଭ୍ରମଧାରଣା ରହିଛି, ତାହା ଆମେ ମନରୁ ଦୂର କରିଦେବା ଉଚିତ ଏବଂ ଆଉ ଯାହାର ପାଳି ଆସିବ ମଇ ୧ ତାରିଖରୁ ଆମ ଦେଶରେ ଯେଉଁମାନଙ୍କ ବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ, ସେମାନଙ୍କୁ ଟିକା ଦିଆଯିବାର କାର୍ଯ୍ୟକ୍ରମ ଆରମ୍ଭ ହେବ । ତେଣୁ, ଲୋକମାନଙ୍କୁ ଏହାହିଁ ଅନୁରୋଧ କରିବୁ ଯେ, ଆପଣମାନେ ଆସନ୍ତୁ – ଟିକା ନିଅନ୍ତୁ ଏବଂ ନିଜକୁ ସୁରକ୍ଷିତ କରନ୍ତୁ । ଏହାଦ୍ୱାରା ଆମର ସମଗ୍ର ସମାଜ କୋଭିଡ–୧୯ର ସଂକ୍ରମଣରୁ ସୁରକ୍ଷିତ ହୋଇଯିବ ।

ମୋଦି ଜୀ – ଡା. ନାୱିଦ୍, ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ ଏବଂ ଆପଣଙ୍କୁ ରମଜାନ ମାସ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ।

ଡା. ନାୱିଦ୍– ଅନେକ ଅନେକ ଧନ୍ୟବାଦ ।

ବନ୍ଧୁଗଣ, କରୋନାର ଏହି ସଙ୍କଟ ସମୟରେ ଟିକାର ଗୁରୁତ୍ୱ ସମସ୍ତେ (ସପ୍ତମ ପୃଷ୍ଠା ଦେଖନ୍ତୁ)

# ବଢୁଛି ଶିଶୁ ଶ୍ରମିକ ନିର୍ଯ୍ୟାତନା : ନିଦାବିଷ୍ଟ ସାଜିଛି ପ୍ରଶାସନ

କଳାହାଣ୍ଡି, (ନିପ୍ର) : ରାଜ୍ୟରୁ ଶିଶୁ ଶ୍ରମିକ ଉଚ୍ଛେଦ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି । କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଏହାର ସୁଫଳ ସେମାନଙ୍କ ପାଖରେ ପହଂଚାଇବାର ଚେଷ୍ଟା ଫେଲ୍ ମାରିବାରେ ଲାଗିଛି । ବିଗତ ଦିନମାନଙ୍କରେ ରାୟଗଡ଼ା, ଭୁବନେଶ୍ୱର ହେଉକି ଖଡ଼ିଆଳ ଲାଲ ମହଲ ଶିଶୁ ନିର୍ଯ୍ୟାତନା ଘଟଣା ହେଉ ଏସବୁ ରାଜ୍ୟରେ ଚହଳ ପକାଇ ସାରିଛି । ପ୍ରତିଦିନ ଶିଶୁ ମାନଙ୍କ ଉପରେ ନିର୍ଯ୍ୟାତନା ବଢ଼ି ଚାଲୁଥିବା ବେଳେ କିଛି ଘଟଣା ପ୍ରଶାସନର ଦୃଷ୍ଟିରେ ପଡୁଛି ତ ଆଉ କିଛି ଆଢୁଆଳରେ ରହିଯାଉଛି । ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ ତଥା ସେମାନଙ୍କ ଥଇଥାନ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ତଥାପି କଳାହାଣ୍ଡି ଜିଲ୍ଲାର ପ୍ରତ୍ୟେକ କାର୍ଯ୍ୟ କ୍ଷେତ୍ରରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଫଳରେ ଶିଶୁ ଶ୍ରମିକ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ସର୍ବଶିକ୍ଷା ଅଭିଯାନ ପକ୍ଷରୁ ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଇ ସଭିଏଁ ପଢନ୍ତୁ, ସଭିଏଁ ବଢନ୍ତୁ ସ୍ଲୋଗାନ ଦିଆଯାଇଛି । କିନ୍ତୁ ଏହି ଅଂଚଳର ଶିଶୁ ଶ୍ରମିକ ମାନଙ୍କୁ ରାସ୍ତା କାମରେ, ଗାଈ, ବଳଦ,



ଛେଳି, ମେଣ୍ଢା ଚରାଇବା, ଜଙ୍ଗଲରୁ ମହୁଲ, ଚାହାର, କାଠ ଗୋଟାଇବା, ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ କରିବା, ହୋଟେଲରେ ବାସନକୁସନ ଧୋଇବା, ଇଟା ଭାଟିରେ ଲଗାଇବା, ପରଘରେ ମୂଲ ଲଗାଇବା ଆଦି ବହୁ କ୍ଷେତ୍ରରେ ଲଗାଯାଉଛି । ଘରର ଆର୍ଥିକ ଅବସ୍ଥା ବା ଅନ୍ୟ କାରଣରୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଏହି ଶିଶୁମାନଙ୍କୁ କେତେକ ମାଲିକ ସ୍ୱଳ୍ପ ଟଙ୍କାରେ ଅଧିକ ସମୟ ଖଟାଇଥାନ୍ତି ।

କଳାହାଣ୍ଡି ଜିଲ୍ଲାରେ ୨୦୧୮ ମସିହାରେ ୨୫୩୬ ଜଣ ଶିଶୁ ଶ୍ରମିକ ଚିହ୍ନଟ ହୋଇଥିବା ବେଳେ ଏମାନଙ୍କ ଭିତରୁ ୧୨୭୮ ଜଣ ଝିଅ ପିଲା ଥିଲେ । ଶିଶୁ ଶ୍ରମିକ ତୁଳନାରେ ବାସ୍ତବ ସଂଖ୍ୟା ଢେର୍ ଅଧିକ ବୋଲି ଶିଶୁ ଶ୍ରମ ଉଚ୍ଛେଦ କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀମାନେ ମତ ଦିଅନ୍ତି । ସେମାନଙ୍କ ମତରେ ଯେତିକି ମାମଲା ରୁଜୁ ହେଉଛି ତାହାର ତୁରନ୍ତ ଫଇସଲା ସହିତ ଦଣ୍ଡ ବିଧାନ କରାଗଲେ ଶିଶୁ ମାନଙ୍କୁ ଶ୍ରମିକ ଭାବେ ନିଯୁକ୍ତି କରିବାକୁ ଲୋକେ ଭୟ କରିବେ । ଏହି କ୍ଷେତ୍ରରେ ସରକାର ଓ ଅଦାଲତ ବିହିତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ । ଆଜି ମଧ୍ୟ ଜିଲ୍ଲାର ଅଧିକାଂଶ ଅଂଚଳକୁ ସର୍ବନିମ୍ନ ସୁବିଧା, ସୁଯୋଗ ମିଳିପାରି ନାହିଁ । ସ୍ଥାୟୀ କର୍ମସଂସ୍ଥାନ ଅଭାବରୁ କଳାହାଣ୍ଡି ଜିଲ୍ଲାରୁ ଶହ ଶହ ଲୋକେ ନିଜ ଭିଟାମାଟି ଛାଡ଼ି ପରିବାର ସହ ଗୁଜରାଟ, ସୁରତ, କେରଳ, ଆନ୍ଧ୍ର, ତାମିଲନାଡୁ, ରାୟପୁର, ମୁମ୍ବାଇ ଆଦି ସ୍ଥାନକୁ ଦାଦନ ଖଟିବାକୁ ଯାଉଛନ୍ତି । ସେଠାରେ ନିଜ ନିଜ ପିଲାମାନଙ୍କ ପାଠପଢ଼ା ପ୍ରତି ନଜର ନ ଦେଇ ଘରୋଇ ଓ ବାହାର କାର୍ଯ୍ୟରେ ନିୟୋଜିତ କରୁଥିବା ଶୁଣିବାକୁ ମିଳେ । ସରକାରଙ୍କ ପକ୍ଷରୁ ଜାତୀୟ ଶିଶୁ ଶ୍ରମିକ ମଙ୍ଗଳ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ସେମାନଙ୍କୁ ସର୍ବନିମ୍ନ ଶିକ୍ଷା ଓ ଜୀବନଯାପନର ସୁଯୋଗ ଦେବା ବ୍ୟବସ୍ଥା ମଧ୍ୟ କାଗଜ କଲମରେ ସୀମିତ ରହିଛି । ପ୍ରଶାସନିକ ତତ୍ପରତା ପୂର୍ବକ ଏହି ଶିଶୁମାନଙ୍କୁ ଚିହ୍ନଟ କରି ସଚେତନତା ଓ ଶିକ୍ଷା କ୍ଷେତ୍ରରେ ପ୍ରବେଶ କରାଇ ଭବିଷ୍ୟତ ଜୀବନ ସୁନାଗରିକ ଦିଗରେ ଆଗେଇ ନେଲେ ଶିଶୁ ଶ୍ରମିକ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇବ ବୋଲି ବୁଦ୍ଧିଜୀବୀ ମହଲରେ ମତ ଦେଇଛନ୍ତି ।

# ୟୁଥ ଅଫ କନ୍ଧମାଳର ଅଭିନବ ପ୍ରୟାସ : ସପ୍ତାହନ୍ତ ସଟ ଡାଉନରେ ଭୋକିଲା ପେଟକୁ ଦାନା ବଂଟନ



କନ୍ଧମାଳ, (ନିପ୍ର) : ସମଗ୍ର ଭାରତ ବର୍ଷରେ କରୋନାର ଭୟାବହ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସପ୍ତାହନ୍ତ ସଟ ଡାଉନ ଘୋଷଣା କରିଛନ୍ତି । କରୋନାର କରାଳ ସଂକ୍ରମଣ ଦାଉରୁ ସମାଜର ନିମ୍ନବର୍ଗର ଲୋକମାନେ ଆର୍ଥିକ ଅନାଟନରେ ଦିନ ବିତାଉଛନ୍ତି । କନ୍ଧମାଳର ଏପରି ଏକ ଜାଗା ଅଛି ଯେଉଁଠି କି ଲୋକେ ଦି' ଓଳି ଦି ମୁଠା ଖାଇ ପାରୁନାହାନ୍ତି, ଆଉ ଏବେ ମୂଲ ମଜୁରୀ ବି ବନ୍ଦ ହୋଇଯାଇଛି । ଏହାକୁ ଦୃଷ୍ଟିରେ ରଖି ୟୁଥ୍ ଅଫ କନ୍ଧମାଳର ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି । ବର୍ତ୍ତମାନ ଆରମ୍ଭ ହୋଇଥିବା କରୋନାର ଦ୍ୱିତୀୟ ଲହରର ପ୍ରଥମ ସପ୍ତାହନ୍ତରେ ୟୁଥ ଅଫ କନ୍ଧମାଳର ସଭାପତି ଅଂଶୁମାନ ପ୍ରିୟଦର୍ଶନଙ୍କ ନେତୃତ୍ୱରେ ବାହାରକୁ ଯାଇ ପାରୁନଥିବା କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦୂତିମେଣ୍ଡି ପଂଚାୟତରେ ଥିବା ବାଇକୁମ୍ପ, ତକଳି, କୁଟିଲାଝର, ଝାଡବଲସକୁମ୍ପା ଓ ଖାଲିବେରନା ଗ୍ରାମରେ ଏହି ଟିମ ପହଂଚି ଗ୍ରାମବାସୀ ମାନଙ୍କୁ ଖାଦ୍ୟ ପୁଡିଆ କରି ବଂଟନ କରିଥିଲେ । ଏହି ବଂଟନ କାର୍ଯ୍ୟକ୍ରମରେ ୟୁଥ ଅଫ କନ୍ଧମାଳର ସଭାପତି ଅଂଶୁମାନ ପ୍ରିୟଦର୍ଶନଙ୍କ ସମେତ ଅମରେଶ ଦନ୍ତ, ବଳରାମ ବିନ୍ଧାଣି, କରୁଣ ଭାଇ, ସୋମ୍ୟଜିତ୍ ତ୍ରିପାଠୀ ଓ ଶିବ ସୁନ୍ଦର ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗର ହାତ ବଢ଼ାଇଥିଲେ ।

# ଦୀନବନ୍ଧୁ ମିଶ୍ରଙ୍କ ଆତ୍ମାହୁତିର ଉଚ୍ଚସ୍ତରୀୟ ତଦନ୍ତ ଦାବୀ କଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ


ସମ୍ବଲପୁର : ଦୀନବନ୍ଧୁ ମିଶ୍ରଙ୍କ ଆତ୍ମହୁତି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଦାବୀ କରିଛି । ଏଥିସହ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ କରିଛି । ସେହିପରି ଏହି କର୍ମଚାରୀ ଜଣକ ୨୭ ବର୍ଷ ବିଶ୍ୱବିଦ୍ୟାଳୟରେ କାମ କରିଆସୁଥିବା ସମୟରେ ବିଭିନ୍ନ ପ୍ରକାର ସେ ଦାବୀ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କୁ ଅବଗତ କରିଥିଲେ । ଏପରିକି ଉଚ୍ଚ ନ୍ୟାୟାଳୟର ମଧ୍ୟ ସାହାଯ୍ୟ ଲୋଡିଥିଲେ । ଖୋଦ୍ ଡା.ରାସେଶ୍ୱରୀ ପାଣିଗ୍ରାହୀ ବିଧାୟିକା ଥିବା ବେଳେ କର୍ମଚାରୀ ସଂଘର ସଭାପତି ମଧ୍ୟ ଥିଲେ । ସେ ଏହାର ସମାଧାନ ନକରି ଜୀବନ ଚାଲିଯିବା ପରେ ରାଜନୀତି କରି ଅତୀତର ଭୁଲକୁ ଘୋଡାଇବାକୁ ଉଦ୍ୟମ କରୁଥିବା ସଂଗଠନ ଅଭିଯୋଗ କରିଛି । ତେଣୁ ଏହି ଘଟଣାର ରାଜନୀତିକରଣ କରାନଯାଉ । ଏଭଳି ଅନେକ କର୍ମଚାରୀ ଆତ୍ମହତ୍ୟା କରୁଥିବା ବେଳେ ସେମାନଙ୍କୁ ଯଥା ଶୀଘ୍ର ସ୍ଥାୟୀ ନିଯୁକ୍ତି କରାଯିବାକୁ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଶାଖା ପକ୍ଷରୁ ପ୍ରତ୍ୟୁଷ ମହାନ୍ତି, ଏମପି ଜ୍ୟୋତି ପ୍ରକାଶ, ହିମାଂଶୁ ମହାକୁଡ, ଲଲାଟେନ୍ଦୁ ବେହେରା, ଅନିଲ ସା ପ୍ରମୁଖ ଦାବୀ ସମ୍ପର୍କରେ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି ।

# ଭର୍ଚୁଆଲ ମାଧ୍ୟମରେ ପାଳନ ହେଲା ଜିଲ୍ଲା ସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ

**- ଜିଲ୍ଲାରେ ମ୍ୟାଲେରିଆ ରୋଗର ନିୟନ୍ତ୍ରଣ ଓ ନିରାକରଣ ନିମନ୍ତେ ସାମୂହିକ ପ୍ରଚେଷ୍ଟା ଉପରେ ଗୁରୁତ୍ୱ ପ୍ରଦାନ : ଜୁନ୍ ଠାରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ନିରାକରଣ ପାଇଁ ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦେଲେ ଜିଲ୍ଲାପାଳ**

ସୁବର୍ଣ୍ଣପୁର, (ନିପ୍ର) : ରବିବାର ପୂର୍ବାହ୍ନ ୧୧ ଘଂଟାରେ ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଶ୍ୱ ମ୍ୟାଲେରିଆ ଦିବସ ଅନୁଷ୍ଠିତ କରାଯାଇଥିଲା । ସାମ୍ପ୍ରତିକ କରୋନା କଟକଣା ଦୃଷ୍ଟିରୁ ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କୋଭିଡ କଟକଣା ମଧ୍ୟରେ ଭରଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀମତୀ ମୋନିଷା ବାନାର୍ଜୀ ଅଧ୍ୟକ୍ଷତା କରି ଜିଲ୍ଲାରେ ମ୍ୟାଲେରିଆ ରୋଗର ନିୟନ୍ତ୍ରଣ ଓ ନିରାକରଣ ନିମନ୍ତେ ଅଦ୍ୟାବଧି ଜିଲ୍ଲାରେ ବଂଟନ କରାଯାଇଥିବା ଔଷଧ ଉପଚାରିତ ମଶାରୀର ଜନସାଧାରଣଙ୍କ ଦ୍ୱାରା ସୁନିଶ୍ଚିତ ବ୍ୟବହାର କରାଇବାକୁ ବିଭାଗୀୟ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଜୁନ ମାସରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ତଥା ବର୍ଷା ଋତୁ ପୂର୍ବରୁ ଜିଲ୍ଲାର ସହରାଂଚଳ ଓ ମ୍ୟାଲେରିଆ ପ୍ରବଣ ଅଂଚଳ ଗୁଡିକରେ ମଶା ସଂଖ୍ୟାକୁ ଦମନ ଓ ବଂଶ ବୃଦ୍ଧିକୁ ରୋକିବା ନିମନ୍ତେ ମଶାଧୂଆଁର ପ୍ରୟୋଗ, ଘାସ ବୁଦା ପ୍ରଭୃତିକୁ ସମୟ ପୂର୍ବରୁ




ସଫା କରିବା ନିମନ୍ତେ ଗୁରୁତ୍ୱାରୋପ କରିଛନ୍ତି, ଯାହାଦ୍ୱାରା ଜିଲ୍ଲାରେ ମ୍ୟାଲେରିଆ ସଂକ୍ରମଣକୁ ପ୍ରତିହତ କରିବାରେ ବିଶେଷ ସହାୟକ ହେବ । ଭାରପ୍ରାପ୍ତ ସିଡି ଏମଓପିଏଚଓ ଡ. ରମେଶ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଡ. ନବକିଶୋର ବେହେରା,ଏଡିପିଏଚଓ, ଭିବିଡି ଦିବସପାଳନର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ସହ ବିଶ୍ୱ, ଦେଶ ଓ ରାଜ୍ୟରେ ମ୍ୟାଲେରିଆ ସଂକ୍ରମଣର ସ୍ଥିତି ଓ ପରିସ୍ଥିତି ଉପରେ ଆଲୋକପାତ କରିଥିଲେ । ବିଭାଗୀୟ ଜିଲ୍ଲା ଭିବିଡି ପରାମର୍ଶଦାତା ଚନ୍ଦ୍ରଶେଖର ମିଶ୍ର ସୁବର୍ଣ୍ଣପୁର ଜିଲ୍ଲାରେ ମ୍ୟାଲେରିଆକୁ ସମ୍ପୂର୍ଣ୍ଣ ନିରାକରଣ ପାଇଁ ସମ୍ପୃକ୍ତ ବିଭାଗ ଗୁଡିକ ତରଫରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସେ ଏହି ଅବସରରେ ଜିଲ୍ଲାରେ ମ୍ୟାଲେରିଆକୁ ପ୍ରତିହତ କରିବା ପାଇଁ ଜିଲ୍ଲାର ନିଜସ୍ୱ ଇନୋଭେଟିଭ କାର୍ଯ୍ୟକ୍ରମ 'ମ୍ୟାଲେରିଆ ସଂଡେ'ର ସଫଳ କାର୍ଯ୍ୟକାରିତା ଉପରେ ସୂଚନା ଦେଇଥିଲେ । ଚଳିତ ବର୍ଷ ଦିବସ ପାଳନ ଅବସରରେ ଶୀର୍ଷକ 'ଶୂନ୍ୟ ମ୍ୟାଲେରିଆ ଲକ୍ଷ୍ୟ ହାସଲ' ରହିଛି ।

ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଉଷା କୁମାରୀ ଯୋଗଦାନ କରିଥିବା ବେଳେ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗରେ ସମ୍ପୃକ୍ତ ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶ୍ରୀ ପ୍ରମୋଦ କୁମାର ସାହୁ, ଏମପିଏଚଏସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଜୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ହସପିଟାଲରୁ ନରସିଂହଙ୍କ ବାର୍ତ୍ତା : ସୁସ୍ଥ ଅଛି ମୁଁ, ଆପଣ ମାନେ ସାମାଜିକ ଦୂରତା ପାଳନ କରନ୍ତୁ, ଡବଲ ମାସ୍କ ପରିଧାନ କରନ୍ତୁ

## ବାଲାଙ୍ଗିରବାସୀଙ୍କ ପିଇବା ପାଣି ସମସ୍ୟା ଶୀଘ୍ର ସମାଧାନ ହେବ

ବଲାଙ୍ଗିର, (ନିପ୍ର) : ମୁଁ ସୁସ୍ଥ ଅଛି । ଏହି ମହାମାରୀ ସମୟରେ ଆପଣମାନେ ସମାଜିକ ଦୂରତା ପାଳନ କରିବା ସହ ଡବଲ୍ ମାସ୍କ ପରିଧାନ କରନ୍ତୁ । ବାରମ୍ବାର ସାବୁନରେ ହାତ ଧୁଅନ୍ତୁ । ସାନିଟାଇଜର ବ୍ୟବହାର କରିବା ସହ ଯଥା ସମ୍ଭବ ଘରେ ରୁହନ୍ତୁ । ଅତି ଜରୁରି ନ ହେଲେ ଘରୁ ବାହାରକୁ ବାହାରନ୍ତୁ ନାହିଁ ବୋଲି ଆଜି ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସିତ ଅବସ୍ଥାରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ବଲାଙ୍ଗିରବାସୀଙ୍କୁ ଗଣ ମାଧ୍ୟମ ଜରିଆରେ ବାର୍ତ୍ତା ଦେଇଛନ୍ତି । ସେ ଏହି ବାର୍ତ୍ତାରେ କହିଛନ୍ତି ଯେ, ମୁଁ କରୋନା ସଂକ୍ରମିତ ହେବା ସତ୍ତ୍ୱେ ମଧ ମୋର ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି । ଡାକ୍ତରଙ୍କ କହିବା ଅନୁଯାୟୀ କୌଣସି ପ୍ରକାର କରୋନା ଜନିତ ସ୍ୱାସ୍ଥ୍ୟ ସମସ୍ୟା ନାହିଁ । କିନ୍ତୁ କରୋନାର ଦ୍ୱିତୀୟ ଲହର ବହୁତ ମାରତ୍ମାକ ଅଟେ । ତେଣୁ ଆପଣମାନେ ଏହି ଘଡି ସନ୍ଧି ମୁହୂର୍ତ୍ତରେ ବିବ୍ରତ ନହୋଇ ନିଜ ତଥା ପରିବାରର ସ୍ୱାସ୍ଥ୍ୟ ପ୍ରତି ବିଶେଷ ଦୃଷ୍ଟି ଦିଅନ୍ତୁ । ଘରେ ଥିବା ବୟସ୍କ ଓ ଶିଶୁଙ୍କ ସ୍ୱତନ୍ତ୍ର ଯତ୍ନ ନିଅନ୍ତୁ । ଜିଲ୍ଲା ପ୍ରଶାସନ ଦ୍ୱାରା ଲାଗୁ କରାଯାଇଥିବା କଟକଣାକୁ ଠିକ ହିସାବରେ ପାଳନ କରି କରୋନା ବିରୁଦ୍ଧରେ ଲଢେଇରେ ନିଜେ ଦୃଢତାର ସହ ସହଯୋଗ କରନ୍ତୁ ।

ସହରର କିଛି ଅଂଚଳର ପିଇବା ପାଣି ସମସ୍ୟା ଥିବା ମୋର ନଜରକୁ ଆସିଛି, ଭୁବନେଶ୍ୱରରେ ଥାଇ ମୁଁ ଅଧିକାରୀଙ୍କ ସହ କଥା ହୋଇଛି । ସହରର ପିଇବା ପାଣିର ସମସ୍ୟାର ଶୀଘ୍ର ସମାଧାନ କରାଯିବ । ଏନେଇ ଅଧିକାରୀମାନେ ପ୍ରତିଶୃତି ଦେଇଥିବା ବେଳେ କିଛି ଅଂଚଳରେ କାମ ଆରମ୍ଭ ହୋଇ ସାରିଛି । ସହରବାସୀ ଖୁବ ଶୀଘ୍ର ପର୍ଯ୍ୟାପ୍ତ ପିଇବା ପାଣି ପାଇ ପାରିବେ ।



## ରାସ୍ତା କାମ ସାରି ଡ୍ରେନ୍‌କୁ ବନ୍ଦ କରିଦେଲା ଠିକା ସଂସ୍ଥା : ଲୋକଙ୍କ ମଧ୍ୟରେ ଅସନ୍ତୋଷ

ଚନ୍ଦନଭାଟି, (ନିପ୍ର) : ରାସ୍ତା କାମ ସାରି ଡ୍ରେନ୍‌କୁ ବନ୍ଦ କରିଦେଇଛି ଠିକା ସଂସ୍ଥା । ଏଣୁ ଲୋକେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ଓଡ଼ିଆପଡ଼ାରୁ ସଡ଼କପଡ଼ାକୁ ରାସ୍ତା ନିର୍ମାଣ ହୋଇଥିବା ବେଳେ ରାସ୍ତାକଡ଼ରେ ରହିଥିବା ଡ୍ରେନ୍‌କୁ ପୋତି ଦିଆଯାଇଥିବା ଅଭିଯୋଗ ହୋଇଛି । ଏବେ ସ୍ଥାନୀୟ ଲୋକଙ୍କ ଘର ଭିତରୁ ବାହାରକୁ କେମିତି ପାଣି ବାହାରିବ, ତାହାକୁ ନେଇ ଲୋକେ ଚିନ୍ତାରେ ରହିଛନ୍ତି । ସ୍ଥାନୀୟ ଅଂଚଳର ଘର ମୁହଁରେ ଏବେ ଆଣ୍ଠୁଏ ଲେଖାଏଁ ପାଣି ରହିଥିବା ଦେଖିବାକୁ ମିଳୁଛି । ଏ ସଂପର୍କରେ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ବି କେହି ଶୁଣୁ ନଥିବା ଲୋକେ କହିଛନ୍ତି । ଏ ଦିଗରେ ଚନ୍ଦନଭାଟି ଗ୍ରାମ ପଂଚାୟତ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି । ଅନ୍ୟପକ୍ଷରେ ଏହି ଘଟଣା ପରେ ସ୍ଥାନୀୟ ଅଂଚଳରେ ଜନ ଅସନ୍ତୋଷ ବଢ଼ିଥିବା ଲକ୍ଷ୍ୟ କରାଯାଉଛି । ଏହି ସମସ୍ୟାର ସମାଧାନ ନ ହେଲେ ସ୍ଥାନୀୟ ଅଂଚଳର ଲୋକେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହେବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି । ଘରୁ ପଦାକୁ ପରିତ୍ୟକ୍ତ ପାଣି ନିଷ୍କାସନ ହୋଇ ନ ପାରିଲେ ବର୍ଷା ଦିନରେ ଭୀଷଣ ପରିସ୍ଥିତି ସୃଷ୍ଟି ହେବା ସ୍ୱଭାବିକ । ଏଣୁ ଏହି ସ୍ଥିତିକୁ ନଜରରେ ରଖି ଯଥାଶୀଘ୍ର ଉଚିତ ପଦକ୍ଷେପ ନେବାକୁ ଦାବୀ ହେଉଛି ।



## କରୋନାର ବିସ୍ଫୋଟକ ସ୍ଥିତିର ମୁକାବିଲା ପାଇଁ ଅଂଟା ଭିଡ଼ିଲା ଜିଲ୍ଲା ପ୍ରଶାସନ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲାରେ କରୋନା ସଂକ୍ରମଣ ବିସ୍ଫୋଟକ ରୂପ ଧାରଣ କରିଥିବା ବେଳେ ଏହାର ମୁକାବିଲା ସହ ଜିଲ୍ଲାବାସୀଙ୍କୁ ସୁସ୍ଥ, ନିରାପଦ ରଖିବା ସହ ସଂକ୍ରମିତଙ୍କୁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦେବାକୁ ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି । ଖୁବ୍ ଶୀଘ୍ର କୋଭିଡ୍ ହସ୍ପିଟାଲ୍‌ରେ ୫ଶହ ଓ କିମସ୍ କୋଭିଡ୍ ହସ୍ପିଟାଲରେ ୫୦ଟି ଆଇସିୟୁ ବେଡ୍ ବୃଦ୍ଧି କରାଯିବ ବୋଲି ଜିଲ୍ଲାପାଳ ଚଂଚଲ ରାଣା ସୂଚନା ଦେଇଛନ୍ତି । ଜିଲ୍ଲାରେ କୋଭିଡ ରୋଗୀଙ୍କ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ୍ ମହଜୁଦ ରହିଥିବା ନେଇ ମଧ ସୂଚନା ଦେଇଛନ୍ତି ଜିଲ୍ଲାପାଳ । ତେବେ ଜିଲ୍ଲାବାସୀ ଭୟଭୀତ ନ ହୋଇ କୋଭିଡ୍ ପରିସ୍ଥିତିର ସାମ୍ନା କରିବାକୁ ସେ ଅନୁରୋଧ କରିଛନ୍ତି । ସେହିଭଳି ସରକାରଙ୍କ କୋଭିଡ ଗାଇଡ ଲାଇନ୍ ମାନି ଚଳିବା, ମୁହଁରେ ମାସ୍କ ପରିଧାନ କରିବା, ସାମାଜିକ ଦୂରତା ରକ୍ଷା କରିବା, ଅତି ଆବଶ୍ୟକ ନ ହେଲେ ଘରୁ ନ ବାହାରିବା, ବାରମ୍ବାର ହାତ ଧୋଇବା ତଥା ସାନିଟାଇଜର୍ ବ୍ୟବହାର କରିବା ପାଇଁ ମଧ୍ୟ ଜିଲ୍ଲାପାଳ ଶ୍ରୀ ରାଣା ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି ।

## ଘର ଜାଳିଦେଲେ ଦୁର୍ବୃତ୍ତ : ଲକ୍ଷାଧିକ ଟଙ୍କାର ସାମଗ୍ରୀ କ୍ଷତି, ଥାନାରେ ଅଭିଯୋଗ

ସଇଁନ୍ତଲା, (ନିପ୍ର) : ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ଥାନା ଗୋପବନ୍ଧୁପଡ଼ାର ତିଳକର ସାହୁଙ୍କ ଘର ଦୁର୍ବୃତ୍ତମାନେ ଜାଳି ଦେଇଥିବା ନେଇ ସଇଁନ୍ତଲା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ୩ ବର୍ଷ ହେଲାଣି ସନଦାସ ମୁଁଡ଼ା (କଲୋନୀ)ଠାରେ ବସବାସ କରି ଆସୁଥିଲେ ତିଳକର । ହେଲେ ଘରର କୌଣସି ଅସୁବିଧା ଯୋଗୁଁ ସେହି ସ୍ଥାନକୁ ଶୋଇବା ପାଇଁ ଯାଇ ନଥିଲେ ପରିବାର ଲୋକେ । ତେବେ ଘରେ କେହି ନଥିବା ଦେଖି ଘରକୁ ନିଆଁ ଲଗାଇଲେ ଦୁର୍ବୃତ୍ତ । ଫଳରେ ଲକ୍ଷାଧିକ ଟଙ୍କା କ୍ଷତି ହୋଇଥିବା ଅଭିଯୋଗ କରିଛନ୍ତି । ଅନ୍ୟପଟେ ଖବର ପାଇବା ପରେ ସ୍ଥାନୀୟ ଅଗ୍ନିଶମ ବିଭାଗ ପହଂଚି କିଛି ନିଆଁକୁ ମଧ ଆୟତ୍ତ କରିଥିଲେ । ପ୍ରଶାସନ ପକ୍ଷରୁ କ୍ଷତିପୂରଣ ପ୍ରଦାନ ଦାବୀ କରିଛନ୍ତି କ୍ଷତିଗ୍ରସ୍ତ ପରିବାର । ଏନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣା ସମ୍ପର୍କରେ ତଦନ୍ତ କରୁଥିବା ଜଣାପଡିଛି ।



## କରୋନା ଯୋଦ୍ଧା ଅରୁଣ ଖୁଆସ୍ କୋଭିଡ ସଂକ୍ରମିତ ହେବା ପରେ କୋଭିଡ୍ କେୟାର୍ ସେଂଟରରେ ଭର୍ତ୍ତି

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସମୟରେ କରୋନା ବିରୁଦ୍ଧରେ ଲଢ଼ିଥିବା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ବଲାଙ୍ଗିରର ସାମାଜିକ କର୍ମୀ ଅରୁଣ ଖୁଆସ୍ କରୋନା ସଂକ୍ରମିତ ହୋଇ ଏବେ ଲର୍କିପାଲି ସ୍ଥିତ କୋଭିଡ୍ କେୟାର୍ ସେଂଟର୍‌ରେ ଭର୍ତ୍ତି ହୋଇଛନ୍ତି । ସୂଚନା ଅନୁସାରେ ଗତ ବର୍ଷ ବଲାଙ୍ଗିର ଭୀମ ଭୋଇ ମେଡ଼ିକାଲ କଲେଜ ଓ ହସ୍‌ପିଟାଲ୍ ତରଫରୁ ଖୋଲାଯାଇଥିବା କରୋନା ଆଇସିୟୁ ଓ ଏଚ୍‌ଡିୟୁର ପରିଚାଳନାର ତଦାରଖର ଦୈନିକ ବିବରଣୀ ପ୍ରଦାନ ପାଇଁ ସେ ଦୀର୍ଘ ଏକ ମାସ କାଳ ନିୟୋଜିତ ହୋଇ ସେବା ପ୍ରଦାନ କରିଥିଲେ । ସେହିଭଳି ସରକାରଙ୍କ ଦ୍ୱାରା ପ୍ରବାସୀ ଶ୍ରମିକଙ୍କୁ ନିଜର ଭିଟାମାଟିକୁ ଫେରାଇବା କାର୍ଯ୍ୟରେ ଶ୍ରମିକ ସ୍ପେସାଲ ଟ୍ରେନ୍‌ରେ ଫେରୁଥିବା ଶ୍ରମିକମାନଙ୍କ ପାଇଁ ରେଳ ଷ୍ଟେସନରେ ମାସାଧିକ କାଳ ପ୍ରଶାସନର ନିର୍ଦ୍ଦେଶ କ୍ରମେ ପ୍ରବାସୀ ଶ୍ରମିକଙ୍କ ଯାତାୟାତରେ ସହଯୋଗ ପାଇଁ କାର୍ଯ୍ୟ କରିଥିଲେ । ସେହିଭଳି ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ କରୋନା କାଳରେ ସମସ୍ୟା ବହୁଳ ଜିଲ୍ଲାର ବିଭିନ୍ନ ସ୍ଥାନକୁ ପହଂଚି ଶିଶୁମାନଙ୍କୁ ସରକାରୀ ଯତ୍ନ ଓ ସୁରକ୍ଷା ପ୍ରଦାନ କରିବା ନିମନ୍ତେ କାର୍ଯ୍ୟ କରିଥିଲେ । ସେ କରୋନା ଆକ୍ରାନ୍ତ ହୋଇଥିବା ଖବର ପାଇ ପୂଜ୍ୟପୂଜା ସଂଗଠନର ପରାମର୍ଶଦାତା ନାଟ୍ୟଭୂଷଣ ଜଗଦାନନ୍ଦ, ମଦନ ରଥ, କସ୍ତୁରୀ ରଥ ତଥା ମାଲପଡ଼ା ରାଧାକୃଷ୍ଣ ସାଂସ୍କୃତିକ ସଂଘର କର୍ମକର୍ତ୍ତା, 'କୋଶଳ ପ୍ରବାହ'ର ସଂପାଦକ କବି ଆନଂଦ ଚଂଦ୍ର ସାହୁ ତଥା ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିବା ଜଣାପଡ଼ିଛି ।





## ପ୍ରେମ

● ରାମକୃଷ୍ଣ

ଆରଂଭରୁ ଉଦୟ ହେଲା ଗୋଟେ ଆଲୁଅର ଆଭା
ଅଂଧାର ଲୁହ ହୋଇ ବୋହିଗଲା ଆଖିରୁ
ପରିଷ୍କାର ଦିଶିଲା ଦିଗନ୍ତ
ଛିଡାହେଲା ଆଖି ପାଆନ୍ତାରେ
ରକ୍ତଫୁଲର ନୀଳ ଲୋହିତ ସବୁଜ ଗୋଟେ ଗଛ

ସେ ଗଛର ଡାଳରେ
ଭାବାକୁଳ ଇଚ୍ଛାମାନେ ବସା ବାଂଧିଲେ
ତାର ଅଜାଣତରେ ଉଡୁଥିଲେ ଡାଳରୁ ଡାଳକୁ
ଖଣ୍ଡାଧାରରେ ଆଦୌ ଭାରସାମ୍ୟ ରହୁନଥିଲା
ଗଛ ଚଢିବାରେ ଅନଭ୍ୟସ୍ତ ପାଦମାନଂକର

ଆଖି ସାମ୍ନାରେ ଅଥଚ
ପରସ୍ପରର ଛୁଇଁ ପାରନ୍ତି ନାହିଁ କେବେ
ନଦୀର ଦୁଇ କୂଳ
ଭାବ ଶ୍ରାବଣରେ ଉଛୁଳେ କେବେ କେବେ
ଶୃଙ୍ଖଳା ବାଲିବନ୍ଧ
ହାତରେ ହାତ ରଖି ବୋହି ଯିବାକୁ ହୁଏ
କିଛି ବାଟ, କିଛି ମୁହୂର୍ତ୍ତ

ନିରବତା ବାଂଧି ରଖିଥାଏ ଆଖିକୁ ଆଖିରେ
ବାଟଭୁଲି ସମୟ ଛିଡା ହୋଇଥାଏ ନିର୍ବୋଧ ଶିଶୁ ପରି
ଆସନ୍ନ ବିସ୍ଫୋରଣର ଦାଢରେ ନିର୍ବାକ ଶବ୍ଦମାନେ
ବାଂଧି ରଖିଥାନ୍ତି ରକ୍ତଫୁଲର ବାସ୍ନାକୁ
କୂଳ ଲଂଘିବାର ଉଦ୍ଦାମତାରୁ

ଆଲିଂଗନ ନିବିଡ ହୁଏ
ବାରି ହୁଏନାହିଁ କେଉଁ ଓଠ କାହାର
ତଥାପି ଯୋଜନ ଦୂରରେ ଛିଡା ହୋଇଥାଏ
ଆତ୍ମବିସ୍ମୃତ ଦୁଇଟି ଦେହ
ଅଥବା ବନ୍ୟାରେ ବୁଡି ଯାଇଥାଏ ଦୁଇ କୂଳ

ପାଦମାନେ ଶିଖି ଗଲେଣି
ଖଣ୍ଡାଧାରରେ ଚାଲିବାର କଳା
ନ ଆସୁ ମୁହାଣ, ନ ଆସୁ ସମୁଦ୍ର
ନ ଆସୁ ନ ଆସୁ
ମୃତ୍ୟୁରେ ବିଲୀନ ହେବାର ବେଳା ।।



## ତିନ୍‌ଟା ସ୍କେଚ୍

● ପୁସ୍ତମ ଯୁଆଡ଼ି





- ୧ -
ଏଭେଁ ଏଭେଁ ଜଂଗଲେଁ
ଖୋବ୍ ଜୁଏ ଲାଗୁଛେ
ମାକଡ୍ ବିହା କହୁଛନ୍ ଯେ
ମୋର୍ ମନ ପୁଡୁଛେ
ମୁନୁଷ୍ ପନ୍ ଥି ବିନାଶ୍ ଜୁଏ
ଦାଁ ଲାଗ୍‌ଲାନ'
ଇ' କଥା କହେବାର୍ କେ
ମତେ ବି କେନ୍ତା ଯେ'
ଖୋବ୍ ଡର୍ ଲାଗୁଛେ ।।

- ୨ -
ଆମେ ପହଁରିବାର୍ ଶିଖଲୁଁ କି
ଡଙ୍ଗା ବାହେଲ' ।
ଏଭେଁ....
ମନ୍ ଯୌବନର୍
ଚେଙ୍ଗା ନଏଦ୍'ଟେ ହେଇ
ବୁହିଯିମୁ ତମର୍ ତକ୍
ଆବ୍‌ରି ପାର୍‌ବାର୍ ଶକତ୍ ଟା
ଥାବେ ରଖିଥ' !!

- ୩ -
ଆଘୋର୍ କଥା ସବୁ କେ ହେତେଇ
ଦିନ୍‌କ ଅଛ୍‌ରେ କାନ୍ଦସିଁ ।
ତମେ ବି ଜଲୁଥିବ' ଜାନିଛେଁ..
ତମେ ବଏଶାଖ୍ ହେଇ ସିଝୁଥ'
ମୁଇଁ ଝରିଆ ଝଁକେର୍ ହେଇ
ରଝୋ ରଝୋ ଦର୍‌ଲି ଦେମି
ତମର୍ ମର୍‌ଡି ଖେତେ
ଗୁଟା ସରାବନ୍‌ଟେ ହେଇ !!



## ତମେ ଆଏବ'

● ଲୋକେଶ୍ୱର ପାଣ୍ଡେ



ତନ୍ ମନ୍ ସବୁ
ଅର୍‌ପି ଦେଲା ଉତାରୁ
ମୋର ବଲି ଆର୍ କାଣା
ରହେଲା କହତ' ?

ଆଏମି ଆଏମି ବଲି
ଭୁଦୋ ଯାଇ ଦସରା ହେଲା
ବେନା ଫୁଲ ଝଂଜ୍‌ମରାଲା
ଉଁକିଆ ରାଏତ୍ ବଏରି ସାଜ୍‌ଲା
ହୁରଗୁନି ହେଇ
ଆଶାର୍ ଧାର୍ ଟୁଟ୍‌କି ଗଲା ।

ତ'ବି ଟାକଛେଁ
ତମେ ଆଏବ'
ବଉଲର ବାସ୍ନା ଥି
କୁଇଲିର ଦରଭଂଗା ସୁର୍ ଥି
ଗୁଟେ ଅମରୁତ ମଏ ସମିଆଁ ନେଇ ।

ଛିନା ଛିନା ତୁମର ବିନା
କାଂଦି ମର୍‌ସି ମନ ମଏନା
ଭାବେ ଭାବେ ଢୁଁଡ଼େଇ ହଉଛେ
ତୁମର ପାହା ଚିହ୍ନାକେ
ଜପାମାଲି କରିଛେ
ତମର୍ ଭାବ୍ ପୀର୍‌ତିକେ ।

ତମେ ଆଏବ'
ବିଶ୍ୱାସର ଶବଦଟେ ହେଇ
ସାଗୁଆ ରଙ୍ଗେ
ରଙ୍ଗେଇ ହେବା ଚାର୍‌ହିକୁତି
ମଧୁର ମଧୁର ଲାଗୁଥିବା
ସାରା ପୁର୍‌ଥୀ ।।



## ପରିଚୟ

● ସୁଜିତ୍ କୁମାର ସତପଥି

ମୁଁ ଯଦି ରାତିର ଘନ ଅନ୍ଧକାରରେ ପୁଅ
ଚାହେଁ ତୁ ସୂର୍ଯୋଦୟଟିଏ ହ'
ମୁଁ ଯଦି ମଧ୍ୟାହ୍ନର ଧୂ ଧୂ ଖରାବେଳ
ଚାହେଁ ତୁ ଶୀତଳ ସନ୍ଧ୍ୟାଟିଏ ହ' ।

ମୋର ବୋଲି ଏଠି କିଛି ନାହିଁ ପୁଅ
ତେଣୁ ତୁ ଭାବିନେ ତୋର ପୈତୃକ କିଛି ନାହିଁ
ନିଜ ପାଇଁ ନିଜେ ତିଆର କର ରାସ୍ତା
ନିଜେ ହ' ତୁ ନିଜର ପରିଚୟ ।।





# କୋଭିଡ ସ୍ଥିତି ସମ୍ଭାଳିବା ପାଇଁ ରାଜ୍ୟ ସରକାର କିଛି ଓଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କଲେ

ଭୁବନେଶ୍ୱର, (ନିପ୍ର) : ରାଜ୍ୟରେ କେତେକ ଜିଲ୍ଲାରେ କୋଭିଡ ସ୍ଥିତି ଅସମ୍ଭାଳ ହୋଇ ପଡ଼ିଥିବା ବେଳେ ସ୍ଥିତି ସମ୍ଭାଳିବା ପାଇଁ ରାଜ୍ୟ ସରକାର କିଛି ଓଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ନୂଆପଡ଼ା ଜିଲ୍ଲା ପାଇଁ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପ୍ରଧାନ, ଡ. ଚିତ୍ରସେନ ପଶାୟତ, ନୃପରାଜ ସାହୁ, ହେମନ୍ତ କୁମାର ସିଂହ ଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଲାଇ, ବଲାଙ୍ଗିର ଜିଲ୍ଲା ପାଇଁ ଦୀପକ ରଂଜନ ଦାସ, ରଶ୍ମିରଂଜନ ନାୟକ, ଶ୍ୱେତକୁମାର ଦାଶ, ବରଗଡ଼ ଜିଲ୍ଲା ପାଇଁ ମହେଶ୍ୱର ପାଣିଗ୍ରାହୀ, ସୁବାଶିଷ ମାନସିଂହ ଓ ମନ୍ଦରଧର ମହାଲିକ, ସମ୍ବଲପୁର ଜିଲ୍ଲା ପାଇଁ ବିଶିକେଶନ ଦେହୁରୀ ଓ ବାଇତୁରା ଦୀପ, ସୁନ୍ଦରଗଡ଼ ଜିଲ୍ଲା ପାଇଁ ଦୁର୍ଗାପ୍ରସାଦ ମହାପାତ୍ର, ଅଯୋଧ୍ୟାକନ୍ତ ଶତପଥୀ, ତ୍ରିଲୋଚନ ମହାନ୍ତି ଓ ମଧୁସୂଦନ ବେହେରାଙ୍କ ଦାୟିତ୍ୱ ପ୍ରଦାନ କରାଯାଇଛି । ସଂପୃକ୍ତ ଓଏଏସ୍ ଅଧିକାରୀମାନେ ଦିଆଯାଇଥିବା ଜିଲ୍ଲାଗୁଡ଼ିକରେ କୋଭିଡ଼ ସ୍ଥିତି ପରଖିବା ସହ କୋଭିଡ଼ ସଂକ୍ରମଣ ନିୟନ୍ତ୍ରଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କୁହାଯାଇଛି ।

GOVERNMENT OF ODISHA
GENERAL ADMINISTRATION & PUBLIC GRIEVANCE DEPARTMENT
*******
ORDER
Bhubaneswar, dated the 25th April, 2021

No.**PT2-GAD-SER2-TP-0003-2020-12277/SCS**. In exigency of public service due to the outbreak of COVID-19, the following OAS Officers are hereby deputed to the Districts mentioned against their names to work under the respective District Administration until further orders.


| Sl. No. | Name and present place of posting of the Officer | Deputed to |
|---|---|---|
| 1. | Shri Laxmikanta Pyarelal Pradhan, OAS (SAG), MD, OSTSCDFCC | Nuapada |
| 2. | Dr. Chitrasen Pasayat, OAS (SAG), Additional Secretary to Government, P&C Department | |
| 3. | Shri Nruparaj Sahoo, OAS (S), Joint Administrator, KBK | |
| 4. | Shri Hemanta Kumar Singh, OAS (S), Regional Manager, OMC, Rayagada | |
| 5. | Shri Bhaktabandhu Janardan Dalai, OAS Gr.A (SB), Tahasildar, Kotpad | |
| 6. | Shri Deepak Ranjan Das, OAS (SAG), Additional Secretary to Government, Works Department | Bolangir |
| 7. | Shri Rashmi Ranjan Nayak, OAS (S), Joint Secretary to Government, W & CD Department | |
| 8. | Dr. Sweta Kumar Dash, OAS Gr.A (SB), Deputy Secretary to Government, ST & SC Development, M & BCW Department | |
| 9. | Shri Maheswar Panigrahi, OAS (SAG), Additional Secretary to Government, PR & DW Department | Bargarh |
| 10. | Shri Subhasis Mansingh, OAS (S), Joint Director, Survey & Map Publication, Odisha, Cuttack | |
| 11. | Shri Mandardhar Mahalik, OAS Gr.A (SB), Addl. PD, DRDA, Kendrapada | |
| 12. | Shri Bishikeshan Dehuri, OAS (S), Joint Secretary to Government, Health & FW Department | Sambalpur |
| 13. | Shri Baitura Deep, OAS Gr.A (SB), Deputy Collector, Angul | |
| 14. | Shri Durga Prasad Mohapatra, OAS (S), Joint Secretary to Government, Tourism Department | Sundargarh |
| 15. | Shri Ajodhyakanat Satapathy, OAS (S), Settlement Officer, Dhenkanal Keonjhar Major Settlement | |
| 16. | Shri Trilochan Mohanty, OAS Gr.A (SB), Deputy Secretary to Government, PR & DW Department | |
| 17. | Shri Madhusudan Behera, OAS Gr.A (SB), OSD, Sports & YS Department | |

The Controlling Authorities of the concerned OAS officers shall relieve their officers forthwith to enable them to report before the Collector & D.M., of the respective districts immediately.

The Officers under orders of deployment are directed to report before the Collector & DMs, of the respective Districts accordingly without fail.

(A.Pattanaik)
Additional Secretary to Government

# ରାଜ୍ୟର ୧୮ରୁ ୪୪ ବର୍ଷ ବୟସର ନାଗରିକଙ୍କୁ ମାଗଣାରେ କୋଭିଡ୍ ଟୀକା ପ୍ରଦାନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା



ଭୁବନେଶ୍ୱର, (ନିପ୍ର) : ତୃତୀୟ ପର୍ଯ୍ୟାୟ ଟୀକାକରଣ ଅଭିଯାନରେ ୧୮ରୁ ୪୪ ବର୍ଷ ବୟସର ନାଗରିକଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିବା ପରିପ୍ରେକ୍ଷୀରେ କୋଭିଡ୍ ଟୀକାର ଆବଶ୍ୟକତାକୁ ଦେଖି ରାଜ୍ୟ ସରକାର ୧୦.୩୪ ଲକ୍ଷ ଡୋଜ୍ କୋଭାକ୍ସିନ୍ ଏବଂ ୩୭୭ ଲକ୍ଷ ଡୋଜ୍ କୋଭିସିଲ୍ଡ ଟୀକା କ୍ରୟ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୧୮ରୁ ୪୪ ବର୍ଷ ବୟସର ନାଗରିକଙ୍କୁ ମାଗଣାରେ କୋଭିଡ୍ ଟୀକା ପ୍ରଦାନ କରାଯିବା ପାଇଁ ଘୋଷଣା କରିଛନ୍ତି । ଏଥିପାଇଁ ରାଜ୍ୟର ରାଜକୋଷରୁ ଦୁଇ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ । ମୁଖ୍ୟମନ୍ତ୍ରୀ କହିଛନ୍ତି "ସାଢେ ଚାରିକୋଟି ଓଡିଶାବାସୀ ମୋ ପରିବାର, ମୁଁ ଚାହେଁ ମୋ ପରିବାର ନିରାପଦ ରହୁ ।"

# ଏସଟିଏଫ୍ ହାତରେ ଧରା ପଡ଼ିଲେ ୨ ଶିକାରୀ : ୨ହାତୀ ଦାନ୍ତ ଓ ୧ବାଘ ଛାଲ ଜବତ

ବୌଦ୍ଧ, (ନିପ୍ର) : ଆଜି ଓଡିଶା ପୋଲିସର ସ୍ୱତନ୍ତ୍ର ଟାସ୍କ ଫୋର୍ସ ନୟାଗଡ଼ ଜିଲା ଗଣିଆ ଥାନା ଅନ୍ତର୍ଗତ ଚାମୁଣ୍ଡିଆ ରୋଡର ମାଆ କଳାପାଟ ମନ୍ଦିର ନିକଟରେ ଚଢ଼ାଉ କରି ଗୋଟିଏ ଚିତାବାଘ ଛାଲ ସହ ଦୁଇଟି ହାତୀ ଦାନ୍ତ ଜବତ କରିଛି । ଏହାସହିତ ଏଥିରେ ସମ୍ପୃକ୍ତ ୨ ଜଣ ବେପାରୀଙ୍କୁ ମଧ୍ୟ ଗିରଫ କରିଛି ପୋଲିସ । ଗିରଫ ୨ଜଣ ହେଲେ କଟକ ଜିଲା ଚକ୍ରଗଡ଼ର ରମେଶ ପ୍ରତିହାରୀ ଓ ନୟାଗଡ ଜିଲା ବେଠିଆସାହିର ବିମ୍ବାଧର ତରାଇ । ଏନେଇ ଗଣିଆ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ଜବତ ବାଘଛାଲ ଓ ହାତୀ ଦାନ୍ତକୁ କେମିକାଲ୍ ଏକ୍‌ଜାମିନେସନ୍ ପାଇଁ ଡେରାଡୁନ୍ ସ୍ଥିତ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆକୁ ପଠାଯିବ ବୋଲି ଜଣାପଡିଛି ।





# କଡାକଡି ଭାବେ ରାୟଗଡା ଜିଲ୍ଲାରେ ସପ୍ତାହନ୍ତ ସଟ୍ ଡାଉନ୍

ରାୟଗଡ଼ା, (ନିପ୍ର) : କରୋନା ସଂକ୍ରମଣର ଦ୍ୱିତୀୟ ଲହର ଦ୍ରୁତଗତିରେ ବଢୁଥିବା ବେଳେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଏବଂ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ରବିବାର ସାରା ରାୟଗଡା ଜିଲ୍ଲାରେ ଜରୁରୀ ସେବାକୁ ବାଦ ଦେଇ ସମସ୍ତ ଦୋକାନ, ଗାଡି ଚଳାଚଳ ଏବଂ ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି । ପୋଲିସ ଏବଂ ଜିଲ୍ଲାପ୍ରଶାସନର ବହୁ ପଦସ୍ତ ଅଧିକାରୀ ବିଭିନ୍ନ ଜାଗାରେ ସଜାଗ ରହି କଡାକଡି ପହରା ଦେଉଥିବା ଦେଖିବାକୁ ମିଳିଛି । ରାୟଗଡା ଜିଲ୍ଲାପାଳ ସରୋଜ ମିଶ୍ର ଏବଂ ଗୁଣୁପୁର ଉପଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶ ଅନୁଯାୟୀ କୋଭିଡ ନିୟମକୁ କଡାକଡି ଭାବେ ପାଳନ କରାଯାଇଥିବା ଜଣାପଡିଛି । ଲୋକଙ୍କୁ ବାହାରକୁ ନ ବାହାରିବା ପାଇଁ ଅନୁରୋଧ କରାଯାଇଛି । ଆଜି ରାୟଗଡା ଜିଲାରେ ୧୧୬ କରୋନାରେ ସଂକ୍ରମଣ ହୋଇଥିବା ବେଳେ ଉଭୟ ପୌରାଂଚଳରେ ଏହି ସଂକ୍ରମଣ ହାର ଅଧିକା ଥିବା ଜଣାପଡିଛି । ତେଣୁ ଲୋକଙ୍କୁ ସାମାଜିକ ଦୂରତା ସହ ମାସ୍କ ଏବଂ ସାବୁନରେ ହାତକୁ ବାରମ୍ବାର ଧୋଇବା ପାଇଁ ପ୍ରଶାସନ ତରଫରୁ ନିବେଦନ କରାଯାଇଛି ।

ଆସନ୍ତା କାଲି ମଧ ଏହି କୋଭିଡ ନିୟମକୁ କଡାକଡି ଭାବେ ପାଳନ କରାଯିବ ବୋଲି ଗୁଣୁପୁର ଥାନା ଅଧିକାରୀ ମନୋଜ ବେହେରା ସୂଚନା ଦେଇଛନ୍ତି ଏବଂ ଅମାନିଆଙ୍କୁ ସାବାଡ କରାଯିବ ବୋଲି ଜଣାଇଛନ୍ତି ।

# ସେଲ୍ୟୁଟ୍ ଟ୍ରକ୍ ଡ୍ରାଇଭର ବୀରସିଂ : ୨୪ ଘଂଟାରେ ଦୀର୍ଘ ୧୧ ଶହ ୮୦ କିଲୋମିଟର ଗାଡ଼ି ଚଳାଇ ପହଂଚାଇଲେ ଅକ୍ସିଜେନ୍, ରକ୍ଷା କଲେ ସହସ୍ରାଧିକ ରୋଗୀଙ୍କ ପ୍ରାଣ



ରାଉରକେଲା, (ନିପ୍ର) : ଟ୍ରକ୍ ଚାଳକ ବୀରସିଂ ଏଭଳି ଜଣେ ଚରିତ୍ର, ତାଙ୍କୁ ହଜାରେ ସେଲ୍ୟୁଟ୍ କରିବାକୁ ଚାହିଁବେ ସମସ୍ତ ଭାରତୀୟ । ସେ ରାଉରକେଲାରୁ ମଧ୍ୟପ୍ରଦେଶର ସାଗର ପର୍ଯ୍ୟନ୍ତ ଦୀର୍ଘ ୧୧ ଶହ ୮୦ କିଲୋମିଟର ଯାତ୍ରାକୁ ମାତ୍ର ୨୪ ଘଂଟାରେ ଅତିକ୍ରମ କରି ପହଂଚାଇଛନ୍ତି ଅମ୍ଳଜାନ ଏବଂ ରକ୍ଷା କରିଛନ୍ତି ସହସ୍ରାଧିକ ରୋଗୀଙ୍କ ପ୍ରାଣ । ଅକ୍ସିଜେନ୍ ପାଇଁ ସାରା ଦେଶରେ ଏବେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଅକ୍ସିଜେନ୍‌ର ଅହେତୁକ ଅଭାବ ବଡ଼ ବଡ଼ ଚିକିତ୍ସାଳୟର ନିଦ ହଜେଇ ଦେଇଛି । ଅକ୍ସିଜେନ୍ ଅଭାବରୁ ପ୍ରତ୍ୟହ ଦେଶର ବିଭିନ୍ନ ଡାକ୍ତରଖାନାରେ ବହୁ ସଂଖ୍ୟାରେ ରୋଗୀଙ୍କ ଅକାଳ ମୃତ୍ୟୁ ଘଟୁଥିବା ଖବର ସାରା ଦେଶରେ ଚହଳ ସୃଷ୍ଟି କରିଛି । ଏଭଳି ପରିସ୍ଥିତିକୁ ଆଖି ଆଗରେ ରଖି ଷ୍ଟିଲ୍ ପ୍ଲାଣ୍ଟ ଗୁଡ଼ିକୁ ଅକ୍ସିଜେନ୍ ଉତ୍ପାଦନର ଦାୟିତ୍ୱ ଦିଆଯାଇଛି । ତେବେ ମଧ୍ୟପ୍ରଦେଶର ବୁନ୍ଦେଲଖଣ୍ଡ ହସ୍‌ପିଟାଲ୍‌ରେ ଅକ୍ସିଜେନ୍‌ର ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଥିବା ବେଳେ ୨୪ ଘଂଟା ଭିତରେ ସେଠାରେ ଅକ୍ସିଜେନ୍ ନ ପହଂଚିଲେ, ବଡ଼ ଧରଣର ଅଘଟଣର ଆଶଙ୍କା ରହିଥିଲା । ଏଭଳି ସମୟରେ ବିସ୍ମୟ ଟ୍ରକ୍ ଚାଳକ କରୋନା ଯୋଦ୍ଧା ବୀରସିଂ ତାଙ୍କର ସାହସିକତା ପ୍ରଦର୍ଶନ କରିଛନ୍ତି । ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରୁ ୨୪ ଘଂଟାରେ ୧୧୮୦ କିଲୋମିଟର ଯାତ୍ରା କରି ଟ୍ରକ୍ ଯୋଗେ ପହଂଚାଇଛନ୍ତି ଅକ୍ସିଜେନ୍ ଓ ବଂଚେଇ ଦେଇଛନ୍ତି ସହସ୍ରାଧିକ ଜୀବନ । ଦୀର୍ଘ ୨୪ ଘଂଟା ଧରି ଖାଇଲେ ନାହିଁ, ଶୋଇଲେ ନାହିଁ... କେବଳ ତାଙ୍କର ଲକ୍ଷ୍ୟ ଥିଲା ଅକ୍ସିଜେନ୍ ପହଂଚାଇବା । ଶେଷରେ ସଫଳ ହେଲେ ବୀରସିଂ ଓ ତାଙ୍କ ସହାୟକ ତୁଲାରାମ । ବଂଚାଇଦେଲେ ସହସ୍ରାଧିକ ଅମୂଲ୍ୟ ଜୀବନ ।

# ଯୁବ ସାମ୍ବାଦିକ ଅମ୍‌ଜଦ୍ ବାଦ୍‌ସା' କରୋନାରେ ଚାଲିଗଲେ

ଝାରସୁଗୁଡ଼ା, (ସ୍ୱପ୍ର) : ବେଶ୍ ସମ୍ଭାବନାମୟ ଯୁବ ସାମ୍ବାଦିକ ଅମ୍‌ଜଦ୍ ବାଦ୍‌ସା'(୩୭) କରୋନା ଯୁଦ୍ଧରେ ହାରି ଯାଇ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ସେ କିଛିଦିନ ତଳେ କରୋନା ସଂକ୍ରମିତ ହେବା ପରେ ରାଉରକେଲା କୋଭିଡ ହସ୍‌ପିଟାଲ୍‌ରେ ଚିକିତ୍ସାଧୀନ ରହିଥିବା ବେଳେ ରବିବାର ଅପରାହ୍ନ ୪ଟା ୩୦ମି. ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ଜଣାପଡ଼ିଛି । ତାଙ୍କ ବିୟୋଗରେ ସାରା ଅଂଚଳରେ ଶୋକର ଛାୟା ଖେଳିଯାଇଛି । ରେମେଣ୍ଡାର ସୁନାମଧନ୍ୟ କବି ଗଉନ୍ତିଆ ଜମିଉଲ୍ଲା ଖାଁଙ୍କ ପୁତ୍ର ଅମ୍‌ଜଦ୍ ଜଣେ ଯୁବ ସାମ୍ବାଦିକ ଭାବରେ ସାରା ଓଡ଼ିଶାରେ ବେଶ୍ ଜଣାଶୁଣା ଥିଲେ । ତାଙ୍କ ସାମ୍ବାଦିକ ଜୀବନ ଆରମ୍ଭ ହୋଇଥିଲା ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ସହରରେ । ଏହା ପରେ ପରେ ସେ ବଲାଙ୍ଗିର ସହରରେ ମଧ୍ୟ କିଛି ବର୍ଷ ସାମ୍ବାଦିକତା କରିବା ପରେ ଝାରସୁଗୁଡ଼ାକୁ ପହଂଚିଥିଲେ । ତେବେ ତାଙ୍କ ଭଳି ଜଣେ ଆଦର୍ଶ, କର୍ମଠ, ନିଷ୍ଠାପର, ନିର୍ଭିକ, ପରୋପକାରୀ ତଥା ମେଳାପୀ ସାମ୍ବାଦିକଙ୍କୁ ହରାଇ ଓଡ଼ିଶାର ସାମ୍ବାଦିକ ଜଗତ ଅନେକ କିଛି ହରେଇଲା ବୋଲି ସାମ୍ବାଦିକମାନେ ମତବ୍ୟକ୍ତ କରିଛନ୍ତି ।



# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ...... (୭ୟ ପୃଷ୍ଠାରୁ)

ଉପଲବ୍ଧି କରୁଛନ୍ତି । ତେଣୁ, ଟିକାକୁ ନେଇ କୌଣସି ଗୁଜବରେ ବିଶ୍ୱାସ ନ କରିବା ପାଇଁ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି । ଆପଣମାନେ ସମସ୍ତେ ଜାଣିଥିବେ ଯେ, ଭାରତ ସରକାରଙ୍କ ତରଫରୁ ସମସ୍ତ ରାଜ୍ୟ ସରକାରଙ୍କୁ ମାଗଣା ଟିକା ଯୋଗାଇ ଦିଆଯାଇଛି । ଯାହାର ଲାଭ ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ସମସ୍ତ ବ୍ୟକ୍ତି ନେଇପାରିବେ । ଏବେ ତ ମଇ ୧ ତାରିଖରୁ ଦେଶରେ ୧୮ ବର୍ଷ ବୟସରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଟିକା ଉପଲବ୍ଧ ହେବାକୁ ଯାଉଛି । ଏବେ ଦେଶର କର୍ପୋରେଟ୍ ସେକ୍ଟର, କମ୍ପାନୀମାନେ ମଧ୍ୟ ନିଜ କର୍ମଚାରୀମାନଙ୍କୁ ଟିକା ଦେବାର ଅଭିଯାନରେ ଅଂଶଗ୍ରହଣ କରିପାରିବେ । ମୁଁ ଏ କଥା ମଧ୍ୟ କହିବାକୁ ଚାହୁଁଛି ଯେ, ଭାରତ ସରକାରଙ୍କ ତରଫରୁ ମାଗଣା ଟିକା ଦେବାର ଯେଉଁ କାର୍ଯ୍ୟକ୍ରମ ଏବେ ଚାଲିଛି, ତାହା ଆଗକୁ ମଧ୍ୟ ଜାରି ରହିବ । ରାଜ୍ୟମାନଙ୍କୁ ମଧ୍ୟ ମୋର ଅନୁରୋଧ ଯେ, ସେମାନେ ଭାରତ ସରକାରଙ୍କର ଏହି ମାଗଣା ଟିକା ଅଭିଯାନର ଲାଭ ନିଜ ରାଜ୍ୟର ଅଧିକାଂଶ ଲୋକଙ୍କ ନିକଟକୁ ପହଂଚାନ୍ତୁ ।

ବନ୍ଧୁଗଣ, ଆମେ ସମସ୍ତେ ଜାଣିଛୁ ଯେ, ରୋଗ ହେଲେ ଆମ ପାଇଁ ଆମର, ନିଜ ପରିବାରର ଯତ୍ନ ନେବା – ମାନସିକ ସ୍ତରରେ କେତେ କଠିନ କାର୍ଯ୍ୟ । କିନ୍ତୁ, ଆମ ଚିକିତ୍ସାଳୟର ନର୍ସିଂ ଷ୍ଟାଫ୍ ମାନଙ୍କୁ ଏହି କାର୍ଯ୍ୟ ନିରନ୍ତର ଭାବେ ଅନେକ ରୋଗୀମାନଙ୍କ ପାଇଁ କରିବାକୁ ପଡିଥାଏ । ଏହି ସେବା ଭାବନା ଆମ ସମାଜର ଗୋଟିଏ ବହୁତ ବଡ ଶକ୍ତି । ନର୍ସିଂ ଷ୍ଟାଫ୍ଙ୍କ ଦ୍ୱାରା କରାଯାଉଥିବା ସେବାକାର୍ଯ୍ୟ ଏବଂ ପରିଶ୍ରମ ସମ୍ପର୍କରେ ସବୁଠୁ ଭଲ ଭାବେ କୌଣସି ନର୍ସ ହିଁ କହିପାରିବେ । ତେଣୁ ମୁଁ ରାୟପୁରର ଡ. ବି.ଆର୍. ଆମ୍ବେଦକର୍ ମେଡିକାଲ କଲେଜ ହସ୍ପିଟାଲରେ ନିଜର ସେବା ପ୍ରଦାନ କରୁଥିବା ସିଷ୍ଟର ଭାବନା ଧ୍ରୁବଙ୍କୁ 'ମନ୍ କି ବାତ୍'ରେ ନିମନ୍ତ୍ରିତ କରିଛି । ସେ ଅନେକ କରୋନା ରୋଗୀଙ୍କ ଯତ୍ନ ନେଉଛନ୍ତି । ଆସନ୍ତୁ, ତାଙ୍କରି ସହ କଥା ହେବା ।

ମୋଦି ଜୀ – ନମସ୍କାର ଭାବନା ଜୀ ।

ଭାବନା – ଆଦରଣୀୟ ପ୍ରଧାନମନ୍ତ୍ରୀ ମହୋଦୟ ନମସ୍କାର ।

ମୋଦି ଜୀ – ଭାବନା ଜୀ . . .

ଭାବନା – ୟେସ୍ ସାର୍ . . .

ମୋଦି ଜୀ – 'ମନ୍ କି ବାତ୍'ର ଶ୍ରୋତାମାନଙ୍କୁ ଆପଣ ନିଶ୍ଚୟ କୁହନ୍ତୁ ଯେ, ଆପଣଙ୍କ ପରିବାରର ଦାୟିତ୍ୱ ଓ ବିଭିନ୍ନ କାର୍ଯ୍ୟ ସାଙ୍ଗକୁ ଆପଣ କରୋନା ରୋଗୀମାନଙ୍କର ମଧ୍ୟ ଯତ୍ନ ନେଉଛନ୍ତି । କରୋନା ରୋଗୀମାନଙ୍କ ସହିତ ଆପଣଙ୍କ ଅନୁଭୂତି କିଭଳି ଥିଲା, ତାହା ଦେଶବାସୀ ନିଶ୍ଚୟ ଶୁଣିବାକୁ ଚାହିଁବେ କାରଣ, ସିଷ୍ଟରମାନେ, ନର୍ସମାନେ ରୋଗୀଙ୍କ ଅତି ନିକଟ ସଂସ୍ପର୍ଶରେ ଆସନ୍ତି ଏବଂ ଦୀର୍ଘ ସମୟ ଧରି ସେମାନଙ୍କ ନିକଟରେ କାର୍ଯ୍ୟ କରନ୍ତି । ସେମାନେ ପ୍ରତ୍ୟେକ କଥାକୁ ସୂକ୍ଷ୍ମ ଭାବେ ବୁଝିପାରନ୍ତି । ତେଣୁ କୁହନ୍ତୁ –

ଭାବନା- ଆଜ୍ଞା, କୋଭିଡ୍‌କୁ ନେଇ ମୋର ଦୁଇମାସର ଅନୁଭୂତି ରହିଛି । ଆମେ ୧୪ ଦିନ କାର୍ଯ୍ୟ କରୁଛୁ ଏବଂ ୧୪ ଦିନ ପରେ ଆମକୁ ବିଶ୍ରାମ ଦିଆଯାଇଥାଏ । ସାର୍ ପୁଣି ଦୁଇ ମାସ ପରେ ଆମର ଏହି କୋଭିଡ୍ ଡ୍ୟୁଟି ରିପିଟ୍ ହୋଇଥାଏ । ଯେତେବେଳେ ପ୍ରଥମେ ମୋର କୋଭିଡ୍ ଡ୍ୟୁଟି ପଡିଲା, ସେତେବେଳେ ମୁଁ ନିଜ ପରିବାର ଲୋକଙ୍କୁ ଏ କଥା ଜଣାଇଲି । ଏହା ଗତବର୍ଷ ମଇ ମାସର କଥା । ମୁଁ କହିବା ମାତ୍ରେ ପରିବାରର ସମସ୍ତେ ଭୟଭୀତ ହୋଇଯାଇଥିଲେ । ବ୍ୟସ୍ତହୋଇ କହିଥିଲେ, ଝିଅ, ସୁରକ୍ଷିତ ହୋଇ କାମ କରିବୁ । ଗୋଟେ ଇମୋସନାଲ୍ ପରିସ୍ଥିତି ସୃଷ୍ଟି ହୋଇଥିଲା । ମଝିରେ ଯେତେବେଳେ ମୋ ଝିଅ ମୋତେ ପଚାରିଲା – ମା' ତମେ କୋଭିଡ୍ ଡ୍ୟୁଟି କରିବାକୁ ଯାଉଛ ? ତାହା ମୋ ପାଇଁ ସବୁଠୁ ବଡ ଇମୋସନାଲ ମୋମେଂଟ ଥିଲା । କିନ୍ତୁ, ମୁଁ ଯେତେବେଳେ କୋଭିଡ୍ ରୋଗୀ ପାଖକୁ ଗଲି, ମୁଁ ଗୋଟିଏ ଦାୟିତ୍ୱ ଘରେ ଛାଡିଦେଇ ଯାଇଥିଲି ଆଉ ସାର୍ ମୁଁ ଯେତେବେଳେ କୋଭିଡ୍‌ରୋଗୀଙ୍କ ସହ ମିଶିଲି, ମୋ ଝିଅ ଆହୁରି ଅଧିକ ବ୍ୟତିବ୍ୟସ୍ତ ହୋଇପଡିଲା । ସାର୍, କୋଭିଡ୍ ନାଁରେ ସବୁ ରୋଗୀ ଏତେ ଭୟଭୀତ ଥିଲେ ଯେ, ସେମାନଙ୍କ ସହ କ'ଣ ଚାଲିଛି, ଆଗକୁ ଆମେ କ'ଣ କରିବାକୁ ଯାଉଛୁ – ତାହା ସେମାନେ ବୁଝିପାରୁ ନ ଥିଲେ । ଆମେ ତାଙ୍କ ଭୟକୁ ଦୂର କରିବା ପାଇଁ ସେମାନଙ୍କ ସହିତ ଖୁବ୍ ଭଲ ବ୍ୟବହାର କରିବା ସହ ତାଙ୍କୁ ଗୋଟିଏ ଉତ୍ତମ ସୁସ୍ଥ ବାତାବରଣ ଦେଲୁ । ଯେବେଠାରୁ ଆମକୁ ଏହି କୋଭିଡ୍ ଡ୍ୟୁଟି କରିବାକୁ କୁହାଗଲା, ସେତେବେଳେ ସର୍ବପ୍ରଥମେ ଆମକୁ ପି.ପି.ଇ. କିଟ୍ ପିନ୍ଧିବାକୁ କୁହାଗଲା, ଯାହା ବହୁତ କଷ୍ଟଦାୟକ । ପି.ପି.ଇ. କିଟ୍ ପିନ୍ଧି ଡ୍ୟୁଟି କରିବା ଆମମାନଙ୍କ ପାଇଁ ବହୁତ କଠିନ ଥିଲା । ସାର୍, ଦୁଇ ମାସର କାର୍ଯ୍ୟରେ ମୁଁ ୱାର୍ଡରେ, ଆଇ.ସି.ୟୁ.ରେ, ଆଇସୋଲେସନ୍‌ରେ – ଏହିଭଳି ପ୍ରତ୍ୟେକ ସ୍ଥାନରେ ୧୪-୧୪ ଦିନ ଡ୍ୟୁଟି କଲି ।

ମୋଦି ଜୀ – ମାନେ, କହିବାକୁ ଗଲେ ଆପଣ ଗତ ଏକବର୍ଷ ଧରି ଏହି କାମ କରୁଛନ୍ତି ।

ଭାବନା- ହଁ ସାର୍, ସେଠି ଯିବା ଆଗରୁ ମୁଁ ଏକଥା ଜାଣି ନ ଥିଲି ଯେ, କେଉଁମାନେ ମୋ ସହକର୍ମୀ । ଆମେ ଗୋଟିଏ ଟିମ୍ ମେମ୍ବର ଭାବେ କାମ କଲୁ । ତାଙ୍କର ଯାହା ସମସ୍ୟା ଥିଲା, ସେସବୁକୁ ଶେୟାର କଲୁ । ଆମେ ରୋଗୀଙ୍କ ବିଷୟରେ ଜାଣିଲୁ ଏବଂ ତାଙ୍କର ମନରେ ଥିବା ଭ୍ରାନ୍ତିକୁ ଦୂର କଲୁ । ସେମାନଙ୍କ ମଧ୍ୟରୁ ଅନେକ ଏଭଳି ଥିଲେ, ଯେଉଁମାନେ କୋଭିଡ୍ ନାଁ କୁ ହିଁ ଭୟ କରୁଥିଲେ । ସେମାନଙ୍କ ହିଷ୍ଟ୍ରି ଲେଖିବା ବେଳକୁ ସେମାନଙ୍କଠାରେ ମଧ୍ୟ ସେହି ଲକ୍ଷଣମାନ ଦେଖାଦେଉଥିଲା । କିନ୍ତୁ ଭୟରେ ସେମାନେ ନିଜର ଟେଷ୍ଟ କରାଇ ପାରୁନଥିଲେ । ସେତେବେଳେ, ଆମେ ତାଙ୍କୁ ବୁଝାଉଥିଲୁ, ଆଉ ସାର୍, ଯେତେବେଳେ ରୋଗୀର ଅବସ୍ଥା ଗୁରୁତର ହେଉଥିଲା, ସେତେବେଳେ ତାଙ୍କ ଫୁସ୍‌ଫୁସ୍ ସଂକ୍ରମିତ ହୋଇସାରିଥିଲା । ସେତେବେଳେ ସେମାନଙ୍କୁ ଆଇ.ସି.ୟୁ.ର ଆବଶ୍ୟକତା ପଡୁଥିଲା । ସେତେବେଳେ ସେମାନେ ଡାକ୍ତରଖାନାକୁ ଆସୁଥିଲେ ଏବଂ ସାଙ୍ଗରେ ତାଙ୍କର ପୁରା ପରିବାର ଆସୁଥିଲେ । ଆମେ ସେହିଭଳି ଗୋଟିଏ ଦୁଇଟି କେସ୍ ଦେଖିଥିଲୁ । ଆମେ ସବୁ ବୟସର ଲୋକଙ୍କ ସଂସ୍ପର୍ଶରେ ଆସିଲୁ – ଯେଉଁଥିରେ ଛୋଟ ପିଲା, ମହିଳା, ପୁରୁଷ, ବୟସ୍କ ବ୍ୟକ୍ତିଙ୍କ ଭଳି ସବୁ ଶ୍ରେଣୀର ରୋଗୀ ଥିଲେ ସାର୍ । ଆମେ ସେମାନଙ୍କ ସହ କଥା ହେଲୁ । ସମସ୍ତେ ଏ କଥା କହିଲେ ଯେ, ଆମେ ଭୟଭୀତ ହୋଇପଡିଥିବାରୁ ଆଗରୁ ଆସିପାରିଲୁନି । ସମସ୍ତଙ୍କଠାରୁ ଏହି ଉତ୍ତର ମିଳିଲା ସାର୍ । ଆମେ ତାଙ୍କୁ ବୁଝାଇଲୁ ଯେ, ଭୟ କରିବାର କିଛି ନାହିଁ । ଆପଣ ଆମକୁ ସହଯୋଗ କରନ୍ତୁ, ଆମେ ମଧ୍ୟ ଆପଣଙ୍କୁ ସହଯୋଗ କରିବୁ । ଆପଣ କେବଳ ପ୍ରୋଟୋକଲ୍‌କୁ ଅନୁସରଣ କରନ୍ତୁ । ଆମେ ଏତିକି ମାତ୍ର କଲୁ ସାର୍ ।

ମୋଦି ଜୀ – ଭାବନା ଜୀ, ଆପଣଙ୍କ ସହ କଥା ହୋଇ ମୋତେ ବହୁତ ଭଲ ଲାଗିଲା । ଆପଣ ନିଜ ଅନୁଭୂତିରୁ ଖୁବ ଉପାଦେୟ ସୂଚନା ଦେଇଛନ୍ତି । ତେଣୁ ଏହାଦ୍ୱାରା ଦେଶବାସୀଙ୍କ ନିକଟକୁ ନିଶ୍ଚୟ ଗୋଟିଏ ସକାରାତ୍ମକ ବାର୍ତ୍ତା ଯିବ । ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ, ଭାବନା ଜୀ ।

ଭାବନା – ଥାଙ୍କ୍ ୟୁ ସୋ ମଚ୍ ସାର୍ . . . ଥାଙ୍କ୍ ୟୁ ସୋ ମଚ୍, ଜୟହିନ୍ଦ ସାର୍ ।

ମୋଦି ଜୀ – ଜୟହିନ୍ଦ ।

ଭାବନା ଜୀ ଆଉ ତାଙ୍କ ଭଳି ଲକ୍ଷ ଲକ୍ଷ ନର୍ସିଂ ଭାଇ-ଭଉଣୀ ଖୁବ୍ ସୁନ୍ଦର ଭାବେ ନିଜ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି । ଏହା ଆମ ସମସ୍ତଙ୍କ ପାଇଁ ଖୁବ୍ ପ୍ରେରଣାଦାୟକ । ଆପଣ ନିଜ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ବହୁତ ସଚେତନ ରୁହନ୍ତୁ । ନିଜ ପରିବାରର ମଧ୍ୟ ଯତ୍ନ ନିଅନ୍ତୁ ।

ବନ୍ଧୁଗଣ, ଆମ ସହ ଏବେ ବେଙ୍ଗାଲୁରୁରୁ ସିଷ୍ଟର ସୁରେଖା ଜୀ ମଧ୍ୟ ଯୋଡି ହୋଇଛନ୍ତି । ସୁରେଖା ଜୀ, କେ.ସି. ଜେନେରାଲ ହସ୍ପିଟାଲ୍‌ରେ ସିନିୟର ନର୍ସିଂ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି । ଆସନ୍ତୁ, ତାଙ୍କ ଅନୁଭୂତି ବି ଜାଣିବା –

ମୋଦି ଜୀ – ନମସ୍ତେ ସୁରେଖା ଜୀ ।

ସୁରେଖା – ଆମ ଦେଶର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସହ କଥାହେବାର ସୁଯୋଗ ମିଳିଥିବାରୁ ମୁଁ ଖୁବ୍ ଆନନ୍ଦିତ ଓ ଗର୍ବିତ ଅନୁଭବ କରୁଛି ।

ମୋଦି ଜୀ – ସୁରେଖା ଜୀ, ଆପଣ ଏବଂ ଆପଣଙ୍କ ସାଥୀ ନର୍ସ ଓ ହସପିଟାଲ୍ କର୍ମଚାରୀମାନେ ଖୁବ୍ ସୁନ୍ଦର କାମ କରୁଛନ୍ତି । ଦେଶ ଆପଣମାନଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରୁଛି । କୋଭିଡ୍-୧୯ ବିରୋଧରେ ଲଢ଼ିବା ପାଇଁ ଆପଣ ଦେଶବାସୀଙ୍କୁ କି ବାର୍ତ୍ତା ଦେବେ ?

ସୁରେଖା- ହଁ ସାର୍ ... ଜଣେ ଦାୟିତ୍ୱବାନ ନାଗରିକ ଭାବେ ମୁଁ ପ୍ରଥମେ କିଛି କହିବାକୁ ଚାହୁଁଛି । ଦୟାକରି ନିଜ ପଡ଼ୋଶୀଙ୍କ ସହ ସହାନୁଭୂତିଶୀଳ ହୁଅନ୍ତୁ ଏବଂ ଆଗୁଆ ପରୀକ୍ଷା ଓ ଠିକ୍ ଅନୁସନ୍ଧାନ ଆମକୁ ମୃତ୍ୟୁହାର କମାଇବାରେ ସାହାଯ୍ୟ କରିବ । ଯଦି ଆପଣ ନିଜଠାରେ କୌଣସି ଲକ୍ଷଣ ଦେଖିବାକୁ ପାଆନ୍ତି, ତେବେ ପାଖ ଡାକ୍ତରଙ୍କୁ ଦେଖାନ୍ତୁ ଓ ଯଥାଶୀଘ୍ର ଚିକିତ୍ସିତ ହୁଅନ୍ତୁ । ତେଣୁ ଲୋକେ ଏହି ରୋଗ ସମ୍ପର୍କରେ ସଚେତନ ହେବା ଦରକାର । ସକାରାତ୍ମକ ହୁଅନ୍ତୁ, ଡରନ୍ତୁ ନାହିଁ ଏବଂ ଚିନ୍ତା କରନ୍ତୁ ନାହିଁ । ତା'ଦ୍ୱାରା ରୋଗୀର ଅବସ୍ଥା ଅଧିକ ଖରାପ ହେବ । ଆମେ ଆମ ସରକାରଙ୍କ ନିକଟରେ କୃତଜ୍ଞ । ଟିକା ପାଇଁ ମଧ୍ୟ ଆମେ ଗର୍ବିତ ଏବଂ ମୁଁ ନିଜେ ଟିକା ନେଇସାରିଛି । ମୋ ଅଭିଜ୍ଞତାରୁ ମୁଁ ଭାରତର ସବୁ ନାଗରିକଙ୍କୁ କହିବାକୁ ଚାହୁଁଛି ଯେ କୌଣସି ଟିକା ୧୦୦ ପ୍ରତିଶତ ସୁରକ୍ଷା ସାଂଗେ ସାଂଗେ ଦିଏ ନାହିଁ । ପ୍ରତିରୋଧକ ଶକ୍ତି ତିଆରି କରିବା ପାଇଁ ଏହା ସମୟ ନେଇଥାଏ । ଟିକା ନେବା ପାଇଁ ଭୟ କରନ୍ତୁ ନାହିଁ । ଦୟାକରି ନିଜେ ଟିକା ନିଅନ୍ତୁ, ଏହାର ବହୁତ କମ୍ ପାର୍ଶ୍ୱ ପ୍ରତିକ୍ରିୟା ରହିଛି ଏବଂ ମୁଁ ଏହି ବାର୍ତ୍ତା ଦେବାକୁ ଚାହୁଁଛି ଯେ ଘରେ ରୁହନ୍ତୁ, ସୁସ୍ଥ ରହନ୍ତୁ; ଯେଉଁମାନେ ଅସୁସ୍ଥ ଅଛନ୍ତି ସେମାନଙ୍କ ସଂସ୍ପର୍ଶରେ ଆସନ୍ତୁ ନାହିଁ; ନାକ, ଆଖି ପାଟିକୁ ଆବଶ୍ୟକ ନ ଥିଲେ ଛୁଅଁନ୍ତୁ ନାହିଁ । ଦୟାକରି ସାମାଜିକ ଦୂରତା ରଖନ୍ତୁ, ମାସ୍କ ପିନ୍ଧନ୍ତୁ, ସର୍ବଦା ହାତ ଧୁଅନ୍ତୁ ଏବଂ ଘରୋଇ ଉପଚାର କରନ୍ତୁ । ଦୟାକରି ଆୟୁର୍ବେଦିକ କାଢା ପିଅନ୍ତୁ, ବାମ୍ପ ଆଘ୍ରାଣ କରନ୍ତୁ ଏବଂ ପ୍ରତିଦିନ ପାଟିରେ ପାଣି ଗଳଗଳ କରନ୍ତୁ ଏବଂ ପ୍ରାଣାୟାମ କରିବାକୁ ଚେଷ୍ଟା କରନ୍ତୁ । ହଁ, ଶେଷରେ ଆଉ ଗୋଟିଏ କଥା ଦୟାକରି ଆଗଧାଡିର କର୍ମୀମାନଙ୍କ ପ୍ରତି ସହାନୁଭୂତିଶୀଳ ହୁଅନ୍ତୁ । ଆମକୁ ଆପଣଙ୍କ ସହଯୋଗ ଦରକାର । ଆମେ ମିଳିମିଶି ଲଢ଼େଇ କରିବା । ଆମେ ଏହି ମହାମାରୀକୁ ହରାଇ ଆଗକୁ ଯିବା । ଲୋକଙ୍କ ପାଇଁ ଏହାହିଁ ମୋର ବାର୍ତ୍ତା ସାର୍ ।

ମୋଦି ଜୀ – ଧନ୍ୟବାଦ ସୁରେଖା ଜୀ ।

ସୁରେଖା – ଧନ୍ୟବାଦ ସାର୍ ।

ମୋଦି ଜୀ – ସୁରେଖା ଜୀ, ସତରେ ଆପଣ ବହୁତ କଠିନ ସମୟରେ ନିଜ କର୍ତ୍ତବ୍ୟ କରି ଚାଲିଛନ୍ତି । ଆପଣ ନିଜର ଯତ୍ନ ନିଅନ୍ତୁ । ଆପଣଙ୍କ ପରିବାରକୁ ମଧ୍ୟ ମୋର ବହୁତ ବହୁତ ଶୁଭକାମନା । ମୁଁ ଦେଶବାସୀଙ୍କୁ ଏକଥା ମଧ୍ୟ କହିବାକୁ ଚାହେଁ ଯେଉଁଭଳି ଭାବନା ଜୀ ଏବଂ ସୁରେଖା ଜୀ ନିଜ ନିଜର ଅନୁଭବ ବାଂଟିଛନ୍ତି ସେଥିରେ କରୋନା ସହ ଲଢ଼ିବା ପାଇଁ Positive Spirit ବହୁତ ଜରୁରୀ ଏବଂ ଦେଶବାସୀଙ୍କୁ ଏହା ସର୍ବଦା ବଜାୟ ରଖିବାକୁ ପଡିବ ।

ବନ୍ଧୁଗଣ, ଡାକ୍ତର ଓ ନର୍ସିଂ ଷ୍ଟାଫ୍ଙ୍କୁ ସହିତ ଏବେ Lab-Technicians ଓ Ambulance Drivers ଭଳି ସମ୍ମୁଖ ଯୋଦ୍ଧାମାନେ ମଧ୍ୟ ଭଗବାନଙ୍କ ଭଳି କାମ କରୁଛନ୍ତି । ଯେତେବେଳେ କୌଣସି ଆମ୍ବୁଲାନ୍ସ କୌଣସି ରୋଗୀ ନିକଟରେ ପହଂଚୁଛି, ସେତେବେଳେ ତାଙ୍କୁ ଆମ୍ବୁଲାନ୍ସ ଚାଳକ ଦେବଦୂତ ପରି ହିଁ ମନେହୁଏ । ଏମାନଙ୍କ ସେବା ସମ୍ପର୍କରେ, ଏମାନଙ୍କ ଅଭିଜ୍ଞତା ସମ୍ପର୍କରେ ଦେଶ ନିହାତି ଜାଣିବା ଆବଶ୍ୟକ । ମୋ ସହ ଏବେ ଏପରି ଜଣେ ସଜ୍ଜନ ଅଛନ୍ତି – ଶ୍ରୀମାନ ପ୍ରେମ ବର୍ମା, ଯିଏକି ଜଣେ ଆମ୍ବୁଲାନ୍ସ ଚାଳକ । ତାଙ୍କ ନାମଭଳି, ଶ୍ରୀ ପ୍ରେମ ବର୍ମା ନିଜର କାମ ଏବଂ କର୍ତ୍ତବ୍ୟକୁ ସଂପୂର୍ଣ୍ଣ ପ୍ରେମ ଓ ନିଷ୍ଠାର ସହ କରିଥାନ୍ତି । ଆସନ୍ତୁ ତାଙ୍କ ସହ କଥା ହେବା-

ମୋଦି ଜୀ – ନମସ୍ତେ ପ୍ରେମ୍ ଜୀ ।

ପ୍ରେମ୍ ଜୀ – ନମସ୍ତେ ସାର୍ ।

ମୋଦୀ ଜୀ – ଭାଇ ପ୍ରେମ୍ ।

ପ୍ରେମ୍ ଜୀ – ଆଜ୍ଞା ।

ମୋଦି ଜୀ – ଆପଣ ନିଜ କାମ ସମ୍ପର୍କରେ ବିସ୍ତୃତ ଭାବେ କିଛି କୁହନ୍ତୁ ଏବଂ ଆପଣଙ୍କର ଯେଉଁ ଅଭିଜ୍ଞତା ରହିଛି ତାହା ବି ଆମକୁ ଜଣାନ୍ତୁ ।

ପ୍ରେମ୍ ଜୀ- ହଁ ସାର୍ । ମୁଁ CATS Ambulanceରେ ଡ୍ରାଇଭର କାମ କରୁଛି ଏବଂ ୧୦୨କୁ ଯୋଉଠୁ କଲ୍ ଆସେ ସେଠାକୁ ଯାଇ ରୋଗୀଙ୍କୁ ଆଣିବାକୁ ପଡେ । ଏହି କାମ ମୁଁ ଦୁଇବର୍ଷ ହେଲା କରିଆସୁଛି । ସୁରକ୍ଷାକିଟ୍, ଗ୍ଲୋଭ୍ସ, ମାସ୍କ ପିନ୍ଧି ରୋଗୀଙ୍କୁ ଯେଉଁଠି ଡ୍ରପ୍ କରିବାକୁ କୁହାଯାଇଥାଏ କିମ୍ବା ଯେଉଁ ଡାକ୍ତରଖାନାରେ ପହଂଚାଇବାକୁ କୁହାଯାଇଥାଏ ସେଠି ଶୀଘ୍ର ଶୀଘ୍ର ସେମାନଙ୍କୁ ପହଂଚାଇବାକୁ ପଡିଥାଏ ।

ମୋଦି ଜୀ – ଆପଣ ତ ଟିକାର ଦୁଇଟି ଡୋଜ୍ ନେଇସାରିବେଣି ।

ପ୍ରେମ୍ ଜୀ – ନିଶ୍ଚୟ ସାର୍ ।

ମୋଦି ଜୀ – ତ ଅନ୍ୟ ଲୋକଙ୍କୁ ଟିକା ଦେବାରେ ସାହାଯ୍ୟ କରନ୍ତୁ । ଏଥିପାଇଁ ଆପଣଙ୍କ ବାର୍ତ୍ତା କ'ଣ ?

ପ୍ରେମ ଜୀ –ସାର୍ ନିଶ୍ଚୟ । ସମସ୍ତଙ୍କୁ ଏହି ଟିକା ନେବା ଉଚିତ ଆଉ ପରିବାର ପାଇଁ ମଧ୍ୟ ଭଲ । ଏବେ ମୋତେ ମୋ ମାଆ କହନ୍ତି ଯେ ଏହି ଚାକିରି ଛାଡିଦେ । ମୁଁ କହିଲି, ମାଆ, ଯଦି ମୁଁ ବି ଚାକିରି ଛାଡି ବସିଯିବି ତ ଅନ୍ୟ ରୋଗୀମାନଙ୍କୁ କିଏ କେମିତି ଛାଡିବାକୁ ଯିବ ? କାହିଁକିନା ଏହି କରୋନା ସମୟରେ ସମସ୍ତେ ଛାଡି ପଳାଉଛନ୍ତି । ସମସ୍ତେ ଚାକିରି ଛାଡିଛୁଡି ଯାଉଛନ୍ତି । ମାଆ ବି ମୋତେ କହନ୍ତି, ଯେ ପୁଅ ସେ ଚାକିରି ଛାଡିଦେ' । ମୁଁ କହିଲି- ନା ମାଆ, ମୁଁ ଚାକିରି ଛାଡିବିନି ।

ମୋଦି ଜୀ – ପ୍ରେମ୍ ଜୀ, ମାଆଙ୍କୁ ଦୁଃଖୀ କରିବେନି । ମାଆଙ୍କୁ ବୁଝାଇଦେବେ ।

ପ୍ରେମ୍ ଜୀ – ହଁ ଆଜ୍ଞା ।

ମୋଦି ଜୀ –ଆପଣ ଯେଉଁ ମାଆଙ୍କ ସହ କଥାବାର୍ତ୍ତା କଥା କହିଲେ ନା ଏହା ବହୁତ ମନଛୁଆଁ ।

ପ୍ରେମ୍ ଜୀ – ହଁ ଆଜ୍ଞା ।,

ମୋଦି ଜୀ – ଆପଣଙ୍କ ମାଆଙ୍କୁ ମୋର ପ୍ରଣାମ ଜଣାଇଦେବେ ।

ପ୍ରେମ୍ ଜୀ – ନିଶ୍ଚୟ ଆଜ୍ଞା ।

ମୋଦି ଜୀ – ଆଉ ପ୍ରେମ୍ ଜୀ ମୁଁ ଆପଣଙ୍କ ମାଧ୍ୟମରେ ଆମ୍ବୁଲାନ୍ସ ଚଳାଉଥିବା ଆମର ଡ୍ରାଇଭର୍ ଭାଇମାନଙ୍କୁ ମଧ୍ୟ କହିବାକୁ ଚାହୁଁଛି ଯେ ସେମାନେ କେତେ ବଡ ମାନସିକ ବଳ ନେଇ କାମ କରୁଛନ୍ତି ।

ପ୍ରେମ୍ ଜୀ – ହଁ ଆଜ୍ଞା ।

ମୋଦି ଜୀ – ଆଉ ପ୍ରତ୍ୟେକ ମାଆ କ'ଣ ଭାବିଥାନ୍ତି – ଏକଥା ଯେତେବେଳେ ଶ୍ରୋତାଙ୍କ ପାଖରେ ପହଂଚିବ ମୁଁ ନିଶ୍ଚିତ କହିବି ଯେ ସେମାନଙ୍କ ହୃଦୟକୁ ଏକଥା ଛୁଇଁଯିବ ।

ପ୍ରେମ୍ ଜୀ – ହଁ ଆଜ୍ଞା ।

ମୋଦି ଜୀ – ପ୍ରେମ୍ ଜୀ ବହୁତ ବହୁତ ଧନ୍ୟବାଦ । ଆପଣ ଏକପ୍ରକାର ପ୍ରେମର ଗଙ୍ଗା ବୁହାଇ ଚାଲିଛନ୍ତି ।

ପ୍ରେମ୍ ଜୀ – ଧନ୍ୟବାଦ ସାର୍ ।

ମୋଦି ଜୀ- ଧନ୍ୟବାଦ ଭାଇ ।

ବନ୍ଧୁଗଣ, ପ୍ରେମ୍ ବର୍ମା ଜୀ ଓ ତାଙ୍କ ପରି ହଜାର ହଜାର ଲୋକ ଆଜି ନିଜର ଜୀବନକୁ ବାଜି ଲଗାଇ ଲୋକଙ୍କର ସେବା କରୁଛନ୍ତି । କରୋନା ବିରୋଧରେ ଚାଲିଥିବା ଏହି ଲଢ଼େଇରେ ଯେତିକି ଜୀବନ ବି ବଂଚୁଛି ସେଥିରେ ଆମ୍ବୁଲାନ୍ସ ଚାଳକମାନଙ୍କର ବହୁତ ବଡ ଯୋଗଦାନ ରହିଛି । ପ୍ରେମ୍ ଜୀ ଆପଣଙ୍କୁ ଆଉ ସମଗ୍ର ଦେଶରେ ଥିବା ଆପଣଙ୍କ ସାଥୀମାନଙ୍କୁ ବହୁତ ବହୁତ ସାଧୁବାଦ ଦେଉଛି । ଆପଣ ଠିକ୍ ସମୟରେ ପହଂଚୁଥାନ୍ତୁ, ଜୀବନ ବଂଚାଉଥାନ୍ତୁ । ମୋର ପ୍ରିୟ ଦେଶବାସୀଗଣ, ଏହା ଠିକ୍ ଯେ କରୋନାରେ ବହୁତ ଲୋକ ସଂକ୍ରମିତ ହେଉଛନ୍ତି; କିନ୍ତୁ କରୋନାରୁ ସୁସ୍ଥ ହେଉଥିବା ଲୋକଙ୍କ ସଂଖ୍ୟା ମଧ୍ୟ ସେହିପରି ବହୁତ ଅଧିକ । ଗୁରୁଗ୍ରାମର ପ୍ରୀତି ଚତୁର୍ବେଦୀ ମଧ୍ୟ ନିକଟରେ କରୋନାକୁ ହରାଇଛନ୍ତି । ପ୍ରୀତି ଜୀ 'ମନ୍ କି ବାତ୍'ରେ ମୋ ସହ ସଂଯୁକ୍ତ ହୋଇଛନ୍ତି । ତାଙ୍କର ଅଭିଜ୍ଞତା ଆମ ସମସ୍ତଙ୍କର ବେଶ୍ କାମରେ ଆସିବ ।

ପ୍ରୀତି – ନମସ୍କାର ସାର୍ । ଆପଣ କେମିତି ଅଛନ୍ତି ?

ମୋଦି ଜୀ- ମୁଁ ଠିକ୍ ଅଛି ଆଜ୍ଞା । ସର୍ବପ୍ରଥମେ ମୁଁ ଆପଣଙ୍କୁ କୋଭିଡ-୧୯ ସହ ସଫଳତାପୂର୍ବକ ଲଢ଼ିଥିବାରୁ ପ୍ରଶଂସା କରୁଛି ।

ପ୍ରୀତି – Thank you so much sir

ମୋଦି ଜୀ- ମୋର କାମନା ଆପଣଙ୍କ ଶୀଘ୍ର ସୁସ୍ଥ ହୁଅନ୍ତୁ ।

ପ୍ରୀତି- ଧନ୍ୟବାଦ ସାର ।

ମୋଦି ଜୀ- ଏହି ଦ୍ୱିତୀୟ ଲହରରେ ଆପଣ ଏକା ସଂକ୍ରମିତ ହୋଇଛନ୍ତି ନା ପରିବାରର ଅନ୍ୟ କେହି ?

ପ୍ରୀତି – ନା ସାର୍ କେବଳ ମୁଁ ସଂକ୍ରମିତ ହୋଇଛି ।

ମୋଦି ଜୀ- ଯାହାହେଉ, ଭଗବାନଙ୍କ କୃପା ଥିଲା । ଆଚ୍ଛା ମୁଁ ଚାହିଁବି ଯଦି ଆପଣଙ୍କ ଅସୁସ୍ଥ ଅବସ୍ଥାର କିଛି ଅଭିଜ୍ଞତା କହନ୍ତେ ତାହାଲେ ବୋଧହୁଏ ଶ୍ରୋତାମାନେ ଏଭଳି ସମୟରେ ନିଜକୁ କିପରି ସମ୍ଭାଳିହେବ ସେ ଦିଗରେ କିଛିଟା ମାର୍ଗଦର୍ଶନ ପାଆନ୍ତେ ।

ପ୍ରୀତି – ଆଜ୍ଞା ନିଶ୍ଚିତ । ସାର୍ ... ଆରମ୍ଭରେ ମୋତେ ବହୁତ ଅବଶ ଲାଗିଲା ଆଉ ତା'ପରେ ମୋ ତଂଟିରେ କିଛି ଗୋଟେ ଅଟକିବା ଭଳି ମନେହେଲା । ତା'ପରେ ମୋତେ ଜଣାପଡିଲା ଏଇ ହୁଏତ କରୋନାର ଲକ୍ଷଣ ହୋଇ ଥାଇପାରେ ତେଣୁ ପରୀକ୍ଷା କରାଇଲି । ତା'ପରଦିନ ରିପୋର୍ଟ ଆସିବାରୁ ଜଣାପଡିଲା ଯେ ମୁଁ କୋଭିଡ୍ ପଜିଟିଭ, ତେଣୁ ମୁଁ ନିଜେ ନିଜେ ସଂଗରୋଧରେ ରହିଲି । ଗୋଟିଏ କୋଠରିରେ ନିଜକୁ ଏକାନ୍ତବାସରେ ରଖି ଡାକ୍ତରଙ୍କ ସହ ପରାମର୍ଶ କଲି । ତାଙ୍କ ପରାମର୍ଶରେ ଔଷଧ ଖାଇବା ଆରମ୍ଭ କଲି ।

ମୋଦି ଜୀ –ଆପଣଙ୍କର ତ୍ୱରିତ ପଦକ୍ଷେପ ଯୋଗୁଁ ଆପଣଙ୍କ ପରିବାର ବଂଚିଗଲା ।

ପ୍ରୀତି- ଆଜ୍ଞା ସାର୍ । ସେମାନଙ୍କର ସମସ୍ତଙ୍କର ମଧ୍ୟ ପରେ ପରୀକ୍ଷା କରାଗଲା, ସମସ୍ତେ ନେଗେଟିଭ୍ ବାହାରିଲେ, ମୋର ହିଁ ପଜିଟିଭ୍ ଥିଲା । ତା'ପୂର୍ବରୁ ଗୋଟିଏ କୋଠରି ଭିତରେ ମୁଁ ନିଜକୁ ନିଜେ ଅଲଗା ରଖି ନେଇଥିଲି । ମୋର ଜରୁରୀ ଜିନିଷଗୁଡିକୁ ନେଇ ସେଇ କୋଠରିରେ ନିଜକୁ ସଂଗରୋଧ କରି ରଖିଥିଲି । ଆଉ ତା'ସହିତ ମୁଁ ପୁଣି ଡାକ୍ତରଙ୍କ ସହିତ ପରାମର୍ଶ କରି ଔଷଧ ଖାଇବା ଆରମ୍ଭ କଲି । ସାର୍, ମୁଁ ଔଷଧ ସହ ଯୋଗ, ଆୟୁର୍ବେଦିକ କାଢ଼ା ସେବନ କଲି । ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ମୁଁ ଖାଇଲା ବେଳେ ଭୋଜନରେ ପ୍ରୋଟିନ୍ ଯୁକ୍ତ ସୁଷମ ଖାଦ୍ୟ ଖାଇଲି । ପ୍ରଚୁର ପାଣି ଏବଂ ଫଳରସ ପିଇଲି, ଷ୍ଟିମ୍ ନେଲି, ଗାର୍‌ଗଲ୍ କଲି, ଆଉ ଉଷୁମ ପାଣି ପିଇଲି । ମୁଁ ସାରାଦିନ ଏହିଭଳି ଭାବେ ଅସୁସ୍ଥତା ସମୟ ବିତାଉଥିଲି । ଆଉ ସାର୍ ଏ ସମୟରେ ସବୁଠୁ ବଡକଥା ହେଲା ଆଦୌ ଭୟଭୀତ ନ ହେବା । ମାନସିକ ଭାବେ ଦୃଢ଼ ରହିବା ପାଇଁ ମୁଁ ବହୁତ ଯୋଗାଭ୍ୟାସ ଏବଂ ପ୍ରାଣାୟାମ କରୁଥିଲି ।

ମୋଦି ଜୀ- ହଁ । ଆଚ୍ଛା ପ୍ରୀତି ଜୀ ... ଏବେ ଯେତେବେଳେ ଆପଣଙ୍କ ପ୍ରୋସେସ୍ ସମ୍ପୂର୍ଣ୍ଣ ହେଇଛି ଆପଣ ସଙ୍କଟରୁ ବାହାରି ଆସିଛନ୍ତି ?

ପ୍ରୀତି – ହଁ ଆଜ୍ଞା ।

ମୋଦି ଜୀ – ଏବେ ପରୀକ୍ଷାରେ ନେଗେଟିଭ୍ ଆସିଛି ?

ପ୍ରୀତି – ହଁ ଆଜ୍ଞା ।

ମୋଦି ଜୀ- ଏବେ ଆପଣ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାପାଇଁ କ'ଣ କରୁଛନ୍ତି ?

ପ୍ରୀତି – ସାର୍ ଏକରେ ତ ମୁଁ ଯୋଗ କରିବା ବନ୍ଦ କରିନି, କାଢ଼ା ବି ପିଉଛି ଆଉ ନିଜର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ସୁଷମ ଖାଦ୍ୟ ମଧ୍ୟ ଖାଉଛି ।

ମୋଦି ଜୀ- ହଁ ହଁ ।

ପ୍ରୀତି- ଯେଉଁ ସବୁରେ ମୁଁ ନିଜକୁ ନିଜେ ଅବହେଳା କରୁଥିଲି ସେଗୁଡିକ ଉପରେ ବେଶୀ ଧ୍ୟାନ ଦେଉଛି ।

ମୋଦି ଜୀ- ଧନ୍ୟବାଦ ପ୍ରୀତି ଜୀ ।

ପ୍ରୀତି – Thank you so much sir

ମୋଦି ଜୀ – ଆପଣ ଯେଉଁ ସୂଚନା ଦେଲେ ମୋତେ ଲାଗୁଛି ଯେ ଏହା ବହୁତ ଲୋକଙ୍କର କାମରେ ଆସିବ । ଆପଣ ସୁସ୍ଥ ରୁହନ୍ତୁ । ଆପଣଙ୍କ ପରିବାରର ଲୋକ ସୁସ୍ଥ ରୁହନ୍ତୁ । ମୋର ଆପଣଙ୍କୁ ବହୁତ ବହୁତ ଶୁଭକାମନା ।

ମୋର ପ୍ରିୟ ଦେଶବାସୀଗଣ, ଆଜି ଯେମିତି ଆମର ମେଡ଼ିକାଲ୍ ଫିଲ୍ଡ୍‌ର ଲୋକ ଫ୍ରଂଟ୍ ଲାଇନ୍ ୱାର୍କର ଦିନରାତି ସେବା କାର୍ଯ୍ୟରେ ଲାଗିଛନ୍ତି ସେହିପରି ସମାଜର ଅନ୍ୟ ଲୋକେ ମଧ୍ୟ ଏବେ ପଛରେ ନାହାନ୍ତି । ଦେଶ ପୁଣିଥରେ ଏକଜୁଟ ହୋଇ କରୋନା ବିରୋଧରେ ଲଢ଼େଇ ଲଢୁଛି । ଏବେ ମୁଁ ଦେଖୁଛି କ୍ୱାରେନ୍‌ଟାଇନ୍‌ରେ ରହୁଥିବା ପରିବାର ପାଇଁ କିଏ ଔଷଧ ନେଇ ଦେଉଛି ତ ଆଉ କିଏ ପନିପରିବା, କ୍ଷୀର, ଫଳ ଆଦି ନେଇ ଦେଇ ଆସୁଛନ୍ତି । କିଏ ରୋଗୀଙ୍କୁ ମାଗଣାରେ ଆମ୍ବୁଲାନ୍ସ ଯୋଗାଇ ଦେଉଛି । ଦେଶର ବିଭିନ୍ନ କୋଣ ଅନୁକୋଣରେ ଏହି ଆହ୍ୱାନ ଭରା ସମୟରେ ସ୍ୱେଚ୍ଛାସେବୀ ସଂଗଠନ ଆଗକୁ ଆସି ଅନ୍ୟର ସାହାଯ୍ୟ ପାଇଁ ଯାହା କରିପାରିବେ ତାହା କରିବାର ପ୍ରୟାସ କରୁଛନ୍ତି । ଏଥର ଗାଁଗୁଡିକରେ ବି ନୂଆ ସଚେତନତା ଦେଖିବାକୁ ମିଳୁଛି । କୋଭିଡ ନିୟମର କଡାକଡି ପାଳନ କରିବା ସହ ଲୋକେ ନିଜ ଗାଁକୁ କରୋନାରୁ ରକ୍ଷା କରୁଛନ୍ତି । ଯେଉଁ ଲୋକେ ବାହାରୁ ଆସୁଛନ୍ତି ସେମାନଙ୍କ ପାଇଁ ଠିକ୍ ବ୍ୟବସ୍ଥାର ବନ୍ଦୋବସ୍ତ କରାଯାଉଛି । ସହର ଗୁଡିକରେ ମଧ୍ୟ ଅନେକ ଯୁବକ ଆଗକୁ ବାହାରିଛନ୍ତି, ଯେଉଁମାନେ ନିଜ ଅଂଚଳରେ କିପରି କରୋନା ମାମଲା ନ ବଂଚିବ ସେଥିପାଇଁ ସ୍ଥାନୀୟ ଲୋକଙ୍କ ସହ ମିଶି ପ୍ରୟାସ କରୁଛନ୍ତି । ଅର୍ଥାତ୍, ଗୋଟିଏ ପଟେ ଦେଶ ଦିନରାତି ଡାକ୍ତରଖାନା, ଭେଂଟିଲେଟର ଆଉ ଔଷଧ ପାଇଁ କାମ କରୁଛି ତ ଅନ୍ୟପଟେ ଦେଶବାସୀ ମଧ୍ୟ କରୋନାର ମୁକାବିଲା ପାଇଁ ପ୍ରାଣପଣେ ଲାଗିପଡିଛନ୍ତି । ଏହି ଭାବନା ଆମକୁ ଖୁବ୍ ଶକ୍ତି ଦେଉଛି, ବିଶ୍ୱାସ ଦେଉଛି । ଏସବୁ ଯାହାବି ପ୍ରୟାସ ହେଉଛି ସେସବୁ ସମାଜର ବହୁତ ବଡ ସେବା । ଏହା ସମାଜର ଶକ୍ତି ବଢ଼ାଇଥାଏ ।

ମୋର ପ୍ରିୟ ଦେଶବାସୀଗଣ, ଆଜି 'ମନ୍ କୀ ବାତ୍'ର ସମଗ୍ର ଆଲୋଚନାକୁ ମୁଁ କରୋନା ମହାମାରୀ ଉପରେ ହିଁ ରଖିଥିଲି; କାରଣ ଆଜି ଆମର ସବୁଠୁ ବଡ ପ୍ରାଥମିକତା ହେଉଛି ଏହି ମହାମାରୀକୁ ପରାଜିତ କରିବା । ଆଜି ଭଗବାନ ମହାବୀରଙ୍କ ଜୟନ୍ତୀ । ଏହି ଅବସରରେ ମୁଁ ସମସ୍ତ ଦେଶବାସୀଙ୍କୁ ଶୁଭକାମନା ଜଣାଉଛି । ଭଗବାନ ମହାବୀରଙ୍କ ଦର୍ଶନ ଆମକୁ ତପ ଏବଂ ଆତ୍ମସଂଯମର ପ୍ରେରଣା ଦିଏ । ଏବେ ରମଜାନର ପବିତ୍ର ମାସ ବି ଚାଲୁରହିଛି । ଆଗକୁ ଅଛି ବୁଦ୍ଧ ପୂର୍ଣ୍ଣିମା । ଗୁରୁ ତେଗ୍ ବାହାଦୁରଙ୍କର ୪୦୦ତମ ପ୍ରକାଶ ପର୍ବ ବି ପାଳନ କରାଯିବ । ଗୋଟିଏ ମହତ୍ୱପୂର୍ଣ୍ଣ ଦିନ ହେଉଛି 'ପୋଚିଶ ବୈଶାଖ୍' – ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ଜୟନ୍ତୀ । ଏସବୁ ଆମକୁ ପ୍ରେରଣା ଦେଇଥାଏ ନିଷ୍ଠାର ସହ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ । ଜଣେ ନାଗରିକ ଭାବରେ ଆମେ ଜୀବନରେ ନିଜର ଯେତିକି କୁଶଳତା କାମନା କରିଥାଉ ନିଜର କର୍ତ୍ତବ୍ୟକୁ ବି ସେହିଭଳି ସମ୍ପାଦନ କରିବା ଆବଶ୍ୟକ । ସଙ୍କଟରୁ ମୁକ୍ତ ହୋଇ ଭବିଷ୍ୟତ ରାସ୍ତାରେ ସେତିକି ହିଁ ଦ୍ରୁତଗତିରେ ଅଗ୍ରସର ହେବା ଜରୁରୀ । ଏହି କାମନା ସହ ମୁଁ ଆପଣ ସମସ୍ତଙ୍କୁ ପୁଣିଥରେ କହିବାକୁ ଚାହୁଁଛି ଯେ ଆମ ସମସ୍ତଙ୍କୁ ଟିକା ନେବାକୁ ହେବ ଆଉ ସାବଧାନତା ମଧ୍ୟ ଅବଲମ୍ବନ କରିବାକୁ ପଡିବ । 'ଦୱାଇ ଭି-କଡାଇ ଭି' – ଏହି ମନ୍ତ୍ରକୁ କେବେ ଭୁଲିବା ନାହିଁ । ଆମେ ଖୁବ୍‌ଶୀଘ୍ର ମିଳିମିଶି ଏହି ବିପଦରୁ ମୁକୁଳିବା । ଏହି ବିଶ୍ୱାସର ସହ ଆପଣ ସମସ୍ତଙ୍କୁ ବହୁତ ବହୁତ ଧନ୍ୟବାଦ । ନମସ୍କାର ।

# ନିଃଶୁଳ୍କ ସାମୁହିକ କୋଭିଡ୍ ଟୀକାକରଣ ନିଷ୍ପତ୍ତିକୁ ସ୍ୱାଗତ : ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୧ଲକ୍ଷ ଟଙ୍କା ସହାୟତା ଦେଲେ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ


ବଲାଙ୍ଗିର, (ନିପ୍ର) : ରାଜ୍ୟର ୧୮ବର୍ଷ ବୟସରୁ ଊର୍ଦ୍ଧ୍ୱ ସମସ୍ତ ବ୍ୟକ୍ତିଙ୍କୁ ମାଗଣାରେ କୋଭିଡ୍ ଟୀକା ପ୍ରଦାନ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଐତିହାସିକ ଘୋଷଣା କରିଛନ୍ତି । କରୋନା ମହାମାରୀରୁ ରାଜ୍ୟବାସୀଙ୍କୁ ସୁରକ୍ଷିତ ରଖିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ବାସ୍ତବରେ ସ୍ୱାଗତଯୋଗ୍ୟ ଓ ବର୍ତ୍ତମାନ ସମୟର ସବୁଠୁ ବଡ଼ ଆବଶ୍ୟକତା ବୋଲି ବିଜେଡି ମୁଖପାତ୍ର ତଥା ଓଟିଡିସି ଅଧ୍ୟକ୍ଷା ଶ୍ରୀମତୀ ଶ୍ରୀମୟୀ ମିଶ୍ର କହିଛନ୍ତି ।

ଶ୍ରୀମତୀ ମିଶ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଓଡ଼ିଶାର ସାଢ଼େ ଚାରି କୋଟି ଲୋକଙ୍କୁ ନିଜର ପରିବାର ସଦସ୍ୟ ବୋଲି ଭାବି ସେମାନଙ୍କୁ ଏହି କୋଭିଡ୍ ମହାମାରୀରୁ ସୁରକ୍ଷିତ ରଖିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ଅନେକ ଲୋକ କଲ୍ୟାଣ ପଦକ୍ଷେପ ନେଉଥିବା ବେଳେ ପରିବାରର ମୁଖିଆ ଭାବେ କୋଭିଡ୍ ଗାଇଡ ଲାଇନ ପାଳିବାକୁ ରାଜ୍ୟବାସୀଙ୍କୁ କ୍ରମାଗତ ଅନୁରୋଧ କରୁଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜି କରୋନାର ଭୟାବହତା ସମ୍ପର୍କରେ ସୂଚନା ଦେବା ସହ ହାତ ଯୋଡ଼ି ପ୍ରତ୍ୟେକ ଓଡ଼ିଆଙ୍କୁ ସୁରକ୍ଷିତ ରହିବାକୁ ଭାବବିହ୍ୱଳ ନିବେଦନ ମଧ କରିଛନ୍ତି । ସରକାର ସାମୂହିକ ଟୀକାକରଣ ମାଧ୍ୟମରେ ରାଜ୍ୟବାସୀଙ୍କୁ ସୁରକ୍ଷା ଦେବାକୁ ଆଗେଇ ଆସିଥିବାବେଳେ ଆମେ ସଚେତନ ନାଗରିକ ଭାବେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ଐତିହାସିକ ନିଷ୍ପତ୍ତିରେ ସହଯୋଗର ହାତ ବଢ଼ାଇବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ।



ଶ୍ରୀମତୀ ମିଶ୍ର ନିଜେ ଅନଲାଇନ୍‌ରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଆଜି ୧ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରି କୋଭିଡ୍ ମହାମାରୀ ମୁକାବିଲାରେ ନିଜର ଭାଗିଦାରୀ ଦେଇଛନ୍ତି । ଏହାସହିତ ଏହି କୋଭିଡ୍ ମହାମାରୀ ମୁକାବିଲାରେ ଭାଗିଦାର ହୋଇ ଆମ ରାଜ୍ୟକୁ କରୋନାମୁକ୍ତ କରିବା ନିମନ୍ତେ ଅନ୍ୟମାନେ ଆଗେଇ ଆସିବାକୁ ଶ୍ରୀମତୀ ମିଶ୍ର ଆନ୍ତରିକ ଅନୁରୋଧ କରିଛନ୍ତି ।

# ଥାବେ ରହ ହୋ' ଗାଁ ମାଁର୍ ଲୁକେ : ଚାପି ଆସୁଛେ କରୋନା



ବଲାଙ୍ଗିର, (କେପିଏନ୍‌ଏସ୍) : ଥାବେ ରହ ହୋ' ଗାଁ ମାଁର୍ ଲୁକେ, ଚାପି ଆସୁଛେ କରୋନା । ଆମେ କାହାକେ ଡରାବାର୍ ଲାଗି ଏନ୍‌ତା ନେଇଁ କହେବାର୍, ସମ୍‌କର୍ ଜୀବନ୍ ସୁରକ୍ଷିତ୍ ରହୁ ବଲି ଏନ୍‌ତା କଥା ଟେ କହୁଛୁଁ । ଆଏଜ୍ ଗୁଟେ ଦିନେ ଦେଶ ଥି ୩ ଲାଖ୍ ୩୨ ହଜାର୍ ନୁ ଅଧିକା ନୂଆଁ କରୋନା ବେମାରୀ ବାହାରିଛନ୍ । ହେନ୍‌ତା ଆମର୍ ରାଏଜ୍ ଥି ଆଏଜ୍ ୬ ହଜାର୍ ୨ ଶହ ନୁ ଅଧିକା ସଂକ୍ରମିତ୍ ଚିହ୍ନଟ୍ ହେଇଛନ୍ । ତାହିଁର୍ ଭିତ୍‌ରେ ବଲାଙ୍ଗିର୍ ଜିଲ୍ଲା ଥି ଆଏଜ୍ ୨୧୧ ଝନ୍ ରହିଛନ୍ । ଇ' ଥିଡି କେ ଦେଖିଲେ୍ କରୋନା କେନ୍‌ତା ଚାପି ଆସୁଛେ ଯେ ସେଟା ଡଗୋ ଡଗୋ ଦେଖିହେବା ।

ବଲାଙ୍ଗିର ଜିଲ୍ଲାବାସୀ କେ ବିନ୍‌ତି, ନିହାତି ଦର୍‌କାର୍ ନେଇଁ ପଡ଼ିଲେ ଘରୁ ନେଇଁ ବାହାରୁନ୍ । ଘରୁ ବାହାର୍‌ଲେ ମୁହେଁ ମାସ୍କ ପିନ୍ଧୁନ୍, ଘଡ଼େକେ ଛନେକେ ହାତ୍ ଧୁଉନ୍, ଭିଡ଼୍‌ଭାଡ଼୍ ଠାନ୍ କେ ନେଇଁ ଯଉନ୍, ସାନିଟାଇଜର୍ ବେଭାର୍ କରୁନ୍ ଆର୍ ସରକାରୀ କରୋନା ଗାଇଡ୍ ଲାଇନ୍ କେ ମାନି କରି ଚଲୁନ୍ । ଜାନି ଥଉନ୍, ସବୁଠାନୁ ମୂଲ୍ୟବାନ୍ ହଉଛେ ଜୀବନ୍ । କୁହାଯାଏସି ପରେ, ଜୀବନ୍ ଥିଲେ ଜୀବ୍‌କା ଅଛେ । ଘଡ଼େ ଥିର୍ ଥମିଲ୍ ହେଇ ଭାବି ଦେଖୁନ୍ । ଥାବେ ରହୁନ୍, ସୁରକ୍ଷିତ୍ ରହୁନ୍ ।






# ସସମ୍ମାନ ଶବ ସତ୍କାର କଲା ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଅନ୍ତର୍ଗତ ଡେଢେଲ ଗାଁର ଘନଶ୍ୟାମ ସାହୁ ନିଜ ବାପା ମା'ଙ୍କୁ ବଲାଙ୍ଗିର ଭୀମ ଭୋଇ ହସ୍ପିଟାଲରେ କରୋନା ଯୋଗୁଁ ଭର୍ତ୍ତି କରିଥିଲେ । ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ବାପାଙ୍କ ଦେହାନ୍ତ ହୋଇଥିଲା । ଘନଶ୍ୟାମ ନିଜ ଗାଁକୁ ନେବା ପାଇଁ ସମସ୍ତ ବ୍ୟବସ୍ଥା କରିସାରିଥିଲେ, ହେଲେ ଗ୍ରାମବାସୀ ଶବ ଆଣିବାକୁ ମନା କରିଦେଇଥିଲେ । ପରେ ରାତି ଦଶଟାରେ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନକୁ ଯୋଗାଯୋଗ କରିଥିଲେ ଘନଶ୍ୟାମ । କିଛି ସମୟ ପରେ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର ଦଶ ଜଣିଆ ଟିମ ମେଡିକାଲରୁ ଶବ ଆଣି ସ୍ଥାନୀୟ ଆର୍‌ଟିଓ ଛକ ସ୍ଥିତ ଶ୍ମଶାନରେ ପିପିଇ କିଟ୍ ପିନ୍ଧି ରାତି ସାରା ଶବ ସତ୍କାର କରିଥିଲେ ।

# କେଶରୀୟା ହିନ୍ଦୁ ବାହିନୀ ଗୋସୁରକ୍ଷା ଏବଂ ଗୋଚାଲାଣ ବିରୁଦ୍ଧରେ ସଂଗ୍ରାମ ଜାରି



ମୁରିବାହାଲ, (ନିପ୍ର) : ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅ*ଳରେ ୩୦୦ ଗୋମାତା ଏବଂ ମହିଷି ଚାଲାଣ ହେଉଥିବା ନେଇ ଖବର ପାଇଥିଲେ କେଶରୀୟା ହିନ୍ଦୁ ବାହିନୀ ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅଧକ୍ଷ ସଂଜୀତ କର୍ଣ୍ଣ । ଏହାପରେ ଶ୍ରୀ କର୍ଣ୍ଣ ଓ ମୁରିବାହାଲ ବ୍ଲକ ଉପସଭାପତି ଶ୍ରୀକାନ୍ତ ଭୋଇଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ଉକ୍ତ ଅ*ଳକୁ ଯାଇ ଗୋଚାଲାଣ କରୁଥିବା ଲୋକଙ୍କୁ ଧରିବା ସହ ତାଙ୍କୁ ଉତ୍ତମ ମଧ୍ୟମ ଦେଇ ଗୋଚାଲାଣ ରୋକିଥିବା ଜଣାପଡ଼ିଛି । ଗୋମାତାଙ୍କୁ ଉଦ୍ଧାର କରିଥିବା ମଧ ଜଣାପଡ଼ିଛି ।

ମୁରିବାହାଲ ବ୍ଲକ ଅଂଚଳରେ ବାରମ୍ବାର ଗୋଚାଲାଣ ହେଉଛି । କେଶରୀୟା ହିନ୍ଦୁ ବାହିନୀ ତରଫରୁ ବହୁତ ବାର ପୋଲିସକୁ ଖବର ଦେବା ସତ୍ତ୍ୱେ ମଧ ପୋଲିସ ଅସହାୟ ଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଏହି ଅଂଚଳରେ ଚାଚଲ୍ୟ ସୃଷ୍ଟି କରିଛି । ଅଭିଯୋଗ ହୋଇଛି ଯେ, ଏପରିକି କେଶରୀୟା ହିନ୍ଦୁ ବାହିନୀ ତରଫରୁ ପୂର୍ବରୁ ପୋଲିସକୁ ଲିଖିତ ଅଭିଯୋଗ ମଧ କରାଯାଇଥିଲା । କିନ୍ତୁ ପୋଲିସ ପ୍ରଶାସନ ଚୁପ୍ ହୋଇ ବସିଛି ଆଗାମୀ ଦିନରେ କେଶରୀୟା ହିନ୍ଦୁ ବାହିନୀ ଗୋମାତାର ସୁରକ୍ଷା କରିବା ନେଇ ବଦ୍ଧ ପରିକର ଏବଂ ଏହି ଅଭିଯାନକୁ ସାରା ଜିଲ୍ଲାରେ ଜୋରଦାର ଜାରି ରଖିବ ବୋଲି କୁହାଯାଇଛି ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com | Koshala prabaha | Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu